Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 252
Friday, 20 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୨୦ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଉଁଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଗୋପାଳପୁର ନିକଟରେ ଲ୍ୟାଣ୍ଡଫଲ୍ କରିବ ବାତ୍ୟା 'ଅକଓ୍ୱାନ'

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ଉତ୍ତରାପସାଗରରେ ସୃଷ୍ଟି ହୋଇଥିବା ଗାଢ଼଼଼ ବାତ୍ୟା 'ଅକଓ୍ୱାନ' ଘଂଟାପ୍ରତି ୧୬ କିମି ବେଗରେ ଓଡ଼ିଶା ଓ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି । ଆସନ୍ତାକାଲି ମଧ୍ୟାହ୍ନରେ ଏହା ଆନ୍ଧ୍ରପ୍ରଦେଶର ନର୍ସାପୁର ଓ ପୁରୀ ମଧ୍ୟବର୍ତୀ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଂଟାପ୍ରତି ୯୦ରୁ ୧୦୦ କିମି ରହିବା ସହ ୧୧୦ କିମି ପର୍ଯ୍ୟନ୍ତ ଝଟକା ପବନ ବୋଲିବାର ଆଶଙ୍କା କରାଯାଇଛି । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷିଣ ଓ ଉପକୂଳବର୍ତୀ ଜିଲ୍ଲାଗୁଡ଼ିକରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଉଦ୍ଧାରକାରୀ ଦଳକୁ ମୁତୟନ ଓ ଜରୁରୀକାଳୀନ ଖାଦ୍ୟ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଗୋଟିଏ ମାସ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳକୁ ତିନୋଟି ବାତ୍ୟା ହିଟ୍ କରିବା ଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ଆଇଏମଡି ତିଜି ସୂଚନା ଦେଇଛନ୍ତି ।

ଆଜି ସକାଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ (ଏଏସଆରସି) କାର୍ଯ୍ୟାଳୟରେ ବାତ୍ୟା ପ୍ରସ୍ତୁତିର ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟ ସଚିବ ଅନୁ ଗର୍ଗ 'ଜିରୋ କାଜୁଆଲିଟି' ବା ଶୂନ୍ୟ ମୃତାହତ ସରକାରଙ୍କ ପ୍ରାଥମିକତା ବୋଲି ସ୍ପଷ୍ଟ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ୬୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ପ୍ରାୟ ୧ ଲକ୍ଷ ୫ ହଜାର ୩୦୪ ଜଣ ଲୋକଙ୍କୁ ୧୨୨୪ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏଥିରେ ପ୍ରାୟ ୧୦ହଜାର ଗର୍ଭବତୀ ମହିଳା ସାମିଲ ଅଟାଡେଜ ନଭେମ୍ବର ୩୦ ସୁଦ୍ଧା ଆସନ୍ନ ପ୍ରସବା ଥିବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି । କେବଳ ଗଞ୍ଜାମ ଜିଲ୍ଲାରୁ ୪୫୩୬୪ ଜଣ ଓ ଗଜପତି ଜିଲ୍ଲାରୁ ୧୮୦୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟରେ ମୋଟ ୯୨୯୯ଟି ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବାବେଳେ ସେଠାରେ ଲୋକ ଓ ଶିଶୁମାନଙ୍କ ପାଇଁ ଉନ୍ନା ଓ ଶୁଖିଲା ଖାଦ୍ୟ, ପିଇବା ପାଣି, ଜରୁରୀ ଔଷଧ ଏବଂ ସାନିଟାରୀ ନାପକିନର ବ୍ୟବସ୍ଥା କରାଯାଇ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ନିୟୋଜିତ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ତତ୍ତ୍ୱାବଧାନରେ ଆଜି ଓ ଆସନ୍ତାକାଲି ଗଜପତି, ଗଞ୍ଜାମ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଓ୍ୱାର୍ନିଂ ଜାରି ହୋଇଥିବାରୁ ୧୧ ତାରିଖରେ ମୟୂରଭଞ୍ଜ ଓ ବାଲେଶ୍ୱର ରେଡ୍ ଜୋନରେ ରହିବ । ସବର୍ଡାଗୁଳକ ପରଯେପ ସ୍ୱରୂପ ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଜଳମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନ ବନ୍ଦ ରଖାଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୧୯ ଓ ୨୦ ତାରିଖ ଦୁଇ ଦିନ ସ୍କୁଲ ବନ୍ଦ ଘୋଷଣା କରାଯାଇଛି । ଏଥିସହ ରାଜ୍ୟ ଚୟନ ବୋର୍ଡ (ଏସଏସବି) ପକ୍ଷରୁ ନଭେମ୍ବର ୨୧ ଓ ୨୩ ତାରିଖରେ ହେବାକୁ ଥିବା କନ୍ଷ୍ଟେବଲ ଓ ଶିକ୍ଷାନବିଶ ଫରେଷ୍ଟର ଓ କନ୍ଷ୍ଟେବଲ ପରୀକ୍ଷା ମଧ୍ୟ ସ୍ଥଗିତ କରାଯାଇଛି ।



ଆତଙ୍କବାଦ ବିରୋଧରେ ଆକ୍ସନ୍ ମୋଡ୍‌ରେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୧୯/୧୧ (ନ୍ୟୁ.ଏ): ଦେଶରୁ ଆତଙ୍କବାଦର ମୂଳୋତ୍ପାଟନ ଏବଂ ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର । ଏହି ଉଦ୍ଦେଶ୍ୟରେ ଗୁରୁତ୍ୱର ନୂଆଦିଲ୍ଲୀରେ ଦୁଇ ଦିନିଆ ଆତଙ୍କବାଦ ବିରୋଧୀ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଜାତୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଚଳିତ ବର୍ଷ ସୀମାପାର ଆତଙ୍କବାଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ଗୁରୁତ୍ୱ ଦିଆଯାଇଛି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆତଙ୍କବାଦର ମୁକାବିଲା ପାଇଁ ଜଳ ଉଦ୍ଭିଷ୍ୟତର ରଣନୀତି ପ୍ରସ୍ତୁତ କରାଯିବ । ଏଥିରେ କେନ୍ଦ୍ରୀୟ ଦଦନ୍ତକାରୀ ସଂସ୍ଥା, ବିଭିନ୍ନ ରାଜ୍ୟର ପୁଲିସ ଏବଂ ବୈଷୟିକ ଓ ଫରେନସିକ୍ ବିଶେଷଜ୍ଞଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଆଲୋଚନା ହେବ । ଆତଙ୍କବାଦୀ ନେଟୱର୍କକୁ ଚିହ୍ନଟ କରିବା ସହ ସେମାନଙ୍କ ଗତିବିଧି ଉପରେ ରୋକ୍ ଲଗାଇବା ଏହି ବୈଠକର ଅନ୍ୟତମ ଲକ୍ଷ୍ୟ । ଗୃହ ମନ୍ତ୍ରଣାଳୟର ସୂଚନା ଅନୁସାରେ, ସମ୍ମିଳନୀରେ ବିଦେଶୀ ଗାଖୁରୁ ଅପରାଧ ସମ୍ପର୍କିତ ପ୍ରମାଣ ସଂଗ୍ରହ, ଡିଜିଟାଲ୍ ଫରେନସିକ୍‌ର ବ୍ୟବହାର, ଆତଙ୍କବାଦୀଙ୍କ ଆର୍ଥିକ ସହାୟତା ନେଟୱର୍କକୁ ଧ୍ୱଂସ କରିବା ଏବଂ ମୌଳବାଦର ମୁକାବିଲା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ମନ୍ଥନ ହେବ । ଏହାସହ ବିଭିନ୍ନ ରାଜ୍ୟର ପୁଲିସ ଅଧିକାରୀଙ୍କ ବକ୍ତବ୍ୟ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଡାକିମ ଜାର୍ଘ୍ୟକୁମର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏଥିରେ ନୂତନ ଅପରାଧିକ ଆଇନର ପ୍ରୟୋଗ, ତଦନ୍ତ ପ୍ରକ୍ରିୟା ଏବଂ ସାଖ୍ୟିକ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ସୁରକ୍ଷା ଓ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ଯୋଗ ଦେଇଛନ୍ତି । ସମସ୍ତ ସଂସ୍ଥା ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରି ଦେଶକୁ ଆତଙ୍କବାଦମୁକ୍ତ କରିବା ଦିଗରେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ହେବ ।

କୃଷି ଯନ୍ତ୍ରପାତି ମେଳା ପାଇଁ ନିର୍ମାତା ସମ୍ମିଳନୀ

ଭୁ ବ ନେ ଶ୍ୱ ର, ୧୯/୧୧ (ଆ.ପ୍ର) : ଆଗାମୀ କିଛି ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫୮ଟି କୃଷିଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଏହା ମଧ୍ୟରୁ ଝାରସୁଗୁଡ଼ା, ଯାଜପୁର, ଭରାଡାପାଟଣା ଓ ମାଲକାନଗିରିଠାରେ ୪ଟି ଆଂଚଳିକ ମେଳା, ୨୬ଟି ଜିଲ୍ଲାସ୍ତରୀୟ ଏବଂ ୨୮ଟି ଉପଖଣ୍ଡ ସ୍ତରୀୟ ମେଳା ଆୟୋଜିତ ହେବ । ଆଜି (ଗୁରୁବାର) ଏନେଇ ଭୁବନେଶ୍ୱରସ୍ଥିତ କୃଷି ଭବନ ଅଡିଟୋରିୟମଠାରେ କୃଷି ଯାନ୍ତ୍ରିକୀକରଣ ମେଳା ସମ୍ପର୍କିତ ଏକ ନିର୍ମାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଏକ ବ୍ୟାପକ ସଚେତନତା ଓ ପ୍ରସାର ଅଭିଯାନ ଆୟୋଜନ କରିବାକୁ ପ୍ରସ୍ତାବ ରଖିଛନ୍ତି । ଏଥିରେ ଯାଜପୁର, ଝାରସୁଗୁଡ଼ା, ଭରାଡାମାପାଣା (କଳାହାଣ୍ଡି) ଏବଂ ମାଲକାନଗିରିଠାରେ ୪ଟି ଆଂଚଳିକ କୃଷି ଯାନ୍ତ୍ରିକୀକରଣ ମେଳା ସମେତ ୨୬ଟି ଜିଲ୍ଲାସ୍ତରୀୟ ମେଳା ଏବଂ ୨୮ଟି ଉପଖଣ୍ଡ ସ୍ତରୀୟ ମେଳା ଅନୁଷ୍ଠିତ ହେବ । କୃଷି ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ନିର୍ମାତା ଏବଂ ଡିଲରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଅଭିହିତ କରି, ଗୁରୁତ୍ୱପୂର୍ଣ୍ଣ ଗଣ୍ଠ ଉତ୍ପତ୍ତେ ଯନ୍ତ୍ରପାତିର ସମୟୋଚିତ ଯୋଗାଣ ସୁନିଶ୍ଚିତ କରିବା, ଆଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରିବା, ବିଶ୍ୱସନୀୟ ବିକ୍ରୟ ପରବର୍ତୀ ସେବା ଓ ବୈଷୟିକ ସହାୟତା ପ୍ରଦାନ କରିବା ଏବଂ ନଭେମ୍ବର ୨୦୨୬ରୁ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ମେଳାଗୁଡ଼ିକରେ ଚଳିତ ଅଂଶଗ୍ରହଣ କରିବାକୁ ସରକାର ଅନୁରୋଧ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀଦିଂହଦେଓ ନିଜ ବ ଭ ବ ୨୧ ର ଉଦ୍ଘାଟନ କରିଥିବା ସ୍ଥାନରେ ୫୮ଟି କୃଷିଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଏହା ମଧ୍ୟରୁ ଝାରସୁଗୁଡ଼ା, ଯାଜପୁର, ଭରାଡାମ

ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୦ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ନକରି ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଆଲୋଚନା ପାଇଁ ଆଗକୁ ଆସନ୍ତୁ ବିରୋଧୀ : ଇରାସିସ୍ ଆଚାର୍ଯ୍ୟ



ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ଓଡ଼ିଶା ବିଧାନସଭା ହେଉଛି ଏକ ପବିତ୍ର ସ୍ଥଳ, ଯେଉଁଠାରେ ରାଜ୍ୟବାସୀ ଏବଂ ଜରିଆଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି । ମାତ୍ର ଗତ ଦୁଇ ଦିନ ଧରି ବିରୋଧୀ ଦଳ ଗୃହରେ ହଟ୍ଟଗୋଳ କରି ବିଧାନସଭା କାର୍ଯ୍ୟକୁ ବନ୍ଦ କରିଦେଉଛନ୍ତି । ବିଧାନସଭାରେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କିମ୍ବା ସମାଧାନ କରିବାକୁ ନଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରଶ୍ନକୁ ଅଟକାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜଟଣୀ ବିଧାୟକ ଇରାସିସ୍ ଆଚାର୍ଯ୍ୟ କହିଛନ୍ତି । ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଆମେ ତାହାଁନ୍ତୁ ଗୃହ ସଠିକ୍ ଭାବରେ ଚାଲୁ ଏବଂ ଶୃଙ୍ଖଳିତ ଭାବେ କାର୍ଯ୍ୟ ହେଉ । ସରକାର ସମସ୍ତ ବିଷୟ ଉପରେ ଆଲୋଚନା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିରୋଧୀ ଦଳ ଯେଉଁ ଦୁଇଟି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରୁଛନ୍ତି, ତାହା ନିଶ୍ଚିତ ଭାବେ ଦୁଃଖଦ । ବିରୋଧୀ ଦଳ ଏପରି ଆଚରଣ କରୁଛନ୍ତି, ଯାହାକୁ ଓଡ଼ିଶାବାସୀ ଜେତେ ବି ତରବାଡ଼ ଜରିଦେବେ ନାହିଁ । ୨୦୨୪ ନିର୍ବାଚନରେ ରାଜ୍ୟବାସୀ ସେଉଁ ଜରାଉଣ୍ଡୁପୂର୍ବ ସରକାରକୁ ପରିବର୍ତ୍ତନ କରିଥିଲେ, ତାହାର ବାସ୍ତବ ଚିତ୍ର ଏବେ ସମସ୍ତେ ଦେଖୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । କୋଟିଆ ପ୍ରସଙ୍ଗରେ ନିଜର ମତ ରଖି ବିଧାୟକ ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି ଯେ, କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ । କୋଟିଆର ସୁରକ୍ଷା ଓ ବିକାଶ ପାଇଁ ସମସ୍ତେ ଏକାଠି ହୋଇ ଗୃହରେ ଆଲୋଚନା କରିବାର ଆବଶ୍ୟକତା ରହିଛି । ବିଜିନ୍ନ ପ୍ରସଙ୍ଗ ନିୟରେ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଅତ୍ୟନ୍ତ ନିନ୍ଦନୀୟ । କେବଳ ଗୃହ କାର୍ଯ୍ୟକୁ ବନ୍ଦ କରିଦେବା ଏବଂ ଗୃହ ଗୁଡ଼ିକ ଏବେ ଆବର୍ଜନା ଗୃହ, ଲଡାରେ ପୂର୍ଣ୍ଣ ହୋଇଛି । ଗୃହ ନିର୍ମାଣ କେତା ପରଠୁ ଜିନ ଟିଏ ବି ଖୋଲା ଦେଉନଥିବା ଚେରେ ଗ୍ରାମାଂଚଳର ମହିଳା ମାର୍କେଟ ଆସି ମିଶନ ଶକ୍ତି ଗୃହରେ ସରାକୁ ନା ପସନ୍ଦ କରୁଛନ୍ତି । ଏଥିପାଇଁ ମିଶନ ଶକ୍ତି ଗୃହ ଗୁଡ଼ିକ ଏବେ ଖତ ଗଡ଼ିଥା ଜାଉଥିବାଚେରେ ଏହି ଗୃହକୁ ସରକାର ଅନ୍ୟ ବିଭାଗକୁ ଦେଲେ ଗୃହ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ଉଠିବେ ବୋଲି ବିରୋଧୀ ଦଳ ଗୃହରେ ଏପରି ବ୍ୟବହାର କରୁଛନ୍ତି, ତାହା ଜନସାଧାରଣଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।

କାମରେ ଲାଗୁନି ପଂଚାୟତ ମିଶନ ଶକ୍ତି ଗୃହ



ହାଟଡିହି, ୧୯/୧୧ (ଆ.ପ୍ର) : ହାଟଡିହ ବିଜିନ୍ନ ପଂଚାୟତରେ ଥିବା ମିଶନ ଶକ୍ତି ଗୃହ ଗୁଡ଼ିକ ଏବେ ଆବର୍ଜନା ଗଦାରେ ପରିଣତ ହୋଇଛି । ଚିତ୍ର ଜନତା ଡରର ସରକାର ସମୟରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରି ହୋଇଥିବା ମିଶନ ଶକ୍ତି ଗୃହ ଗୁଡ଼ିକ ଏବେ ଆବର୍ଜନା ଗୃହରେ ପରିଣତ ହୋଇଛି । ପଂଚାୟତ ପଖରୁ ଏହି ଗୃହ ଗୁଡ଼ିକ ହୋଇଥିବା ବେଳେ କୌଣସି ଅଧିକାରୀଙ୍କ ଉଖଣା ସେଖଣା ଦାୟିତ୍ୱ ନଥିବାରୁ ସରକାରୀ ଟଙ୍କାରେ ହୋଇଥିବା ଗୃହ ଗୁଡ଼ିକ ଏବେ ଆବର୍ଜନା ଗୃହ, ଲଡାରେ ପୂର୍ଣ୍ଣ ହୋଇଛି । ଗୃହ ନିର୍ମାଣ କେତା ପରଠୁ ଜିନ ଟିଏ ବି ଖୋଲା ଦେଉନଥିବା ଚେରେ ଗ୍ରାମାଂଚଳର ମହିଳା ମାର୍କେଟ ଆସି ମିଶନ ଶକ୍ତି ଗୃହରେ ସରାକୁ ନା ପସନ୍ଦ କରୁଛନ୍ତି । ଏଥିପାଇଁ ମିଶନ ଶକ୍ତି ଗୃହ ଗୁଡ଼ିକ ଏବେ ଖତ ଗଡ଼ିଥା ଜାଉଥିବାଚେରେ ଏହି ଗୃହକୁ ସରକାର ଅନ୍ୟ ବିଭାଗକୁ ଦେଲେ ଗୃହ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ଉଠିବେ ବୋଲି ବିରୋଧୀ ଦଳ ଗୃହରେ ଏପରି ବ୍ୟବହାର କରୁଛନ୍ତି, ତାହା ଜନସାଧାରଣଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।

ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ଦୁଇପାର୍ଶ୍ୱରେ ଥିବା ଗଛ



ଚନ୍ଦାହାଣ୍ଡି, ୧୯/୧୧ (ଆ.ପ୍ର) : ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ଦୁଇ ଜରତ ଥିବା ଗଛ ଗୁଡିକ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନରଜଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଣ୍ଡିଆ ଗ୍ରାମର ଚାରିଛକ ଠାରୁ ପୁଲିପଡାକୁ ସଂଯୋଗ କରୁଥିବା ରାସ୍ତା ରାସ୍ତାରେ ଚାଲୁଥିବା ଲୋକ ଓ ଯାନବାହାନ ଚାଳକ ପାଇଁ ବିପଦସଂକୁଳ ହୋଇପଡିଛି ଏହି ରାସ୍ତା । ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଗଛ ଯୋଜୁ ଯାତାୟାତ ସମୟରେ ଆଗରୁ ଅସୁଥିବା ଗାଡି ଚାଳକଙ୍କୁ ଠିକ ରାବେ ଦେଖାପଉନାହିଁ । ଯାହାଫଳରେ ଏହି ରାସ୍ତାରେ ଦୁର୍ଘଟଣା ଘଟିବାର ସମ୍ଭବନା ଅଧିକ ରହିଛି । ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ଯାନବାହାନ ଓ ଲୋକେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି । ତେଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ଏହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପାଟଖଣ୍ଡିଆ ଅଂଚଳବାସି ଦାବି ଜଣେଇଛନ୍ତି ।

ସତର୍କତା, ସଚେତନତା, ସାମୂହିକ ସହଯୋଗ ଓ ପ୍ରଚେଷ୍ଟା ବଳରେ ମୁକାବିଲା କରିବା: ମନମୋହନ ସାମଲ



ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ଆଗାମୀ କିଛି ଘଂଟା ମଧ୍ୟରେ 'ଅକ୍ୱାନ୍' ବାତ୍ୟା ଓଡ଼ିଶା ଉପକୂଳକୁ ଛୁଇଁବାର ସମ୍ଭାବନା ରହିଛି ଏବଂ ଏହାର ପ୍ରଭାବ ଆମ ରାଜ୍ୟରେ ଅଧିକ ଅନୁଭୂତ ହେବାର ସୂଚନା ମିଳୁଛି । ଏହି ସମୟରେ ସମସ୍ତେ ସୁରକ୍ଷିତ ଓ ନିରାପଦ ସ୍ଥାନରେ ରୁହନ୍ତୁ । ବିପଦଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆଗେଇ ଆସନ୍ତୁ । ସରକାର ଓ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ ପ୍ରଶାସନିକ ବଳକୁ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି କରାଯାଇଥିବା ଶ୍ରୀ ମନମୋହନ ସାମଲ କହିଛନ୍ତି । ରାଜ୍ୟସ୍ତରୀୟ 'ଅକ୍ୱାନ୍'ର ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି । ବାତ୍ୟାକୁ ନେଇ କେହି ମଧ୍ୟ ଭୟଭୀତ କିମ୍ବା ଆତଙ୍କିତ ହୁଅନ୍ତୁ ନାହିଁ । ପ୍ରଶାସନ ପୂରା ଜାରି କରାଯାଇଥିବା ସମସ୍ତ ସତର୍କତା ମୂଳକ ଏବଂ ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ରାଜ୍ୟବାସୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ବିଜେପିର ସମସ୍ତ କର୍ମୀ ଓ ପଦାଧିକାରୀମାନେ ନିଜ ନିଜ ଅଂଚଳରେ ସମ୍ପୃକ୍ତ ରହି ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇଦେବାରେ ପ୍ରଶାସନକୁ ସହଯୋଗ କରନ୍ତୁ । ରକ୍ଷାର କାର୍ଯ୍ୟ, ରିଲିଫ ଟଂଟନ ଏବଂ ପ୍ରଭାବିତ ଲୋକଙ୍କୁ ସବୁପ୍ରକାରର ଜରୁରୀ ସହାୟତା ପଂଚାୟତରେ ଆସେଇ ଅସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସତର୍କତା, ସଚେତନତା, ସାମୂହିକ ସହଯୋଗ ଓ ପ୍ରଚେଷ୍ଟା ବଳରେ ଆମେ ଏହି ପରିସ୍ଥିତିର ସଫଳ ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ ପକ୍ଷରୁ ଆଇନ ସଚେତନତା ଶିବିର ଆୟୋଜିତ




ରାୟଗଡ, ୧୯/୧୧ (ଆ.ପ୍ର) : ଛାତ୍ରଛାତ୍ରୀଙ୍କୁ ଆଇନଗତ ଅଧିକାର, ନ୍ୟାୟ ବ୍ୟବସ୍ଥା ଏବଂ ମାଗଣା ଆଇନ ସହାୟତା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଗୁରୁବାର ଦିନ ୧୧ଟା ୩୦ ମିନିଟ୍‌ରେ ରାୟଗଡସ୍ଥିତ ଉଚ୍ଚ ଆଇନ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦ୍ୱିତୀୟ ଜଜ୍ ବାମୋଦର ରଥଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି ଶିବିରରେ ପ୍ରାଧିକରଣର ସଚିବ ସୁତୃତ ଆଚାର୍ଯ୍ୟ ଅଖଣ୍ଡ ମଣି ମଲ୍ଲିକ, ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କ ଆଇନଗତ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଉଚ୍ଚ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମିଶ୍ର, ଜିନ୍ (ଷ୍ଟେଟ୍‌ସ ଆଟର୍ଣ୍ଣୀ) ଶିବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ । ନିଜ ବକ୍ତବ୍ୟରେ ସୁତୃତ ଆଚାର୍ଯ୍ୟ ଆଇନ ସେବା ପ୍ରାଧିକରଣ ଅଧିନିୟମ, ଲୋକ ଅଦାଲତର କାର୍ଯ୍ୟପ୍ରଣାଳୀ, ମାଗଣା ଆଇନ ସହାୟତାର ବ୍ୟବସ୍ଥା ଏବଂ ମହିଳା, ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କ ଆଇନଗତ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଉଚ୍ଚ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମିଶ୍ର, ଜିନ୍ (ଷ୍ଟେଟ୍‌ସ ଆଟର୍ଣ୍ଣୀ) ଶିବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ । ନିଜ ବକ୍ତବ୍ୟରେ ସୁତୃତ ଆଚାର୍ଯ୍ୟ ଆଇନ ସେବା ପ୍ରାଧିକରଣ ଅଧିନିୟମ, ଲୋକ ଅଦାଲତର କାର୍ଯ୍ୟପ୍ରଣାଳୀ, ମାଗଣା ଆଇନ ସହାୟତାର ବ୍ୟବସ୍ଥା ଏବଂ ମହିଳା, ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କ ଆଇନଗତ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନେ ମଧ୍ୟ ଆଇନଗତ ଅଧିକାର, ନ୍ୟାୟ ପ୍ରାପ୍ତିର ବିଭିନ୍ନ ଉପାୟ ଏବଂ ମାଗଣା ଆଇନ ସହାୟତାର ଉପଯୋଗିତା ସମ୍ପର୍କରେ ନିଜର ମତାମତ ରଖିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ, ଅତିଥିମାନଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁତୃତ ଆଚାର୍ଯ୍ୟଙ୍କ ପ୍ରତ୍ୟୁତ୍ତରଦାନରେ ଶିବିରଟି ସଫଳତାର ସହ ସମାପ୍ତ ହୋଇଥିଲା ।

ଅକ୍ୱାନ୍ ପ୍ରଭାବରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଓ ସାମାନ୍ୟ ପବନ, ଅସ୍ତବ୍ୟସ୍ତ ଜନଜୀବନ



ବାଲିଗୁଡ଼ା, ୧୯/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅକ୍ୱାନ୍'ର ପ୍ରଭାବରେ ଜଳ୍ପମାନ ଜିଲ୍ଲାର ବାଲିଗୁଡ଼ା ଅଂଚଳରେ ପାଗରେ ଦେଖାଦେଇଛି ପରିବର୍ତ୍ତନ । ଆକାଶ ମୋଘାଚ୍ଛନ୍ନ ରହିବା ସହ ଦିନତମାମ କୋହଳା ପାଗ, ଝିପିଝିପି ବର୍ଷା ଏବଂ ମଝିରେ ମଝିରେ ସାମାନ୍ୟ ପବନ ଜାରି ରହିଛି । ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବାବେଳେ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ କଳାପରେ ମଧ୍ୟ ବାଧା ଉପୁଜିଛି । ସକାଳୁ ଆକାଶରେ କଳାବାଦଲିଆ ମେଘ ଘୋଟି ରହିଥିବାବେଳେ ସୂର୍ଯ୍ୟଙ୍କ ଦର୍ଶନ ମିଳିନଥିଲା । ମଝିରେ ମଝିରେ ହାଲୁକା ବର୍ଷା ସାଙ୍ଗକୁ ଥଣ୍ଡା ପବନ ବହିବା ଯୋଜୁଁ ପାଗ ଅଧିକ କୋହଳା ହୋଇପଡ଼ିଛି । ଏହି ପାଗ ଯୋଜୁଁ ବଜାରଘାଟରେ ଲୋକଙ୍କ ଚଳପ୍ରଚଳ ଉପରେ ପ୍ରଭାବ ପଡ଼ିଥିବାବେଳେ ଅନେକ ଲୋକ ଅତ୍ୟାବଶ୍ୟକ କାମ ନଥିଲେ ଘରୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ବିଶେଷକରି ଦୈନିକ ମଜୁରିଆ, ଉଠାଦୋକାନୀ, ଛୋଟ ବ୍ୟବସାୟୀ ଏବଂ ଗ୍ରାମାଂଚଳର ଲୋକମାନେ ଏହି ପାଗ ଯୋଜୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଯୋଜୁଁ ରାସ୍ତାଘାଟ ଓ ବଜାର ଅଂଚଳରେ ଲୋକଙ୍କ ଯାତାୟାତ ମଧ୍ୟ ପୂର୍ବାପେକ୍ଷା କମିଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି । ପାଗରେ ହଠାତ୍ ପରିବର୍ତ୍ତନ ହେବାରୁ ଚାଷୀମାନେ ମଧ୍ୟ ଚିନ୍ତିତ ହୋଇ ପଡ଼ିଛନ୍ତି । ଅମଳ ଉପଯୋଗୀ ଫସଲ ଓ ପନିପରିବା ତାଷ ଉପରେ ବର୍ଷାର ଜି ପ୍ରଭାବ ପଡ଼ିବ, ସେନେଇ ଚାଷୀଙ୍କ ମନରେ ଚିନ୍ତା ବଢ଼ିଛି । ସମ୍ଭାବ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜାରି ହେଇଥିବା ସତର୍କ ସୂଚନା ପ୍ରତି ଧ୍ୟାନ ଦେବା ସହ ଅଯଥାରେ ବାହାରକୁ ନଯିବା ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ସଚେତନ ମହଲରେ ମତ ପ୍ରକାଶ ପାଇଛି । ବର୍ତ୍ତମାନ ବାଲିସ୍ତୁପା ଅଂଚଳରେ କୋହଳା ପାଗ ଓ ଝିପିଝିପି ବର୍ଷା ଜାରି ରହିଥିବାରୁ ଆସାମୀ ଦିନରେ ପାଣିପାଗ କି ମୋଡ଼ ନେବ, ତାହାକୁ ନେଇ ସମସ୍ତଙ୍କ ନଜର ରହିଛି ।

ଭବାନୀପାଟଣା ଠାରେ ରେଜାଙ୍ଗ-ଲା ସହିଦ ସମ୍ମାନ ସଭା



ଧର୍ମଗଡ଼, ୧୯/୧୧ (ଆ.ପ୍ର) : ଭବାନୀପାଟଣା ସ୍ଥିତ ଜିଲ୍ଲା ଯାଦବ କାର୍ଯ୍ୟାଳୟ ଠାରେ ଜିଲ୍ଲା ଯାଦବ ମହାସଭା କଳାଛାଣ୍ଡିର ଆନୁକୂଲ୍ୟରେ ଅନୁରୁ ଯାଦବଙ୍କ ସଭାପତିତ୍ୱରେ ୧୯୬୨ ମସିହାରେ ଭାରତ ଚୀନ ଯୁଦ୍ଧରେ ରେଜାଙ୍ଗ-ଲା ଘାଟିରେ ସହିଦ ହୋଇଥିବା ସେନା ମାନଙ୍କ ସମ୍ମାନରେ 'ରେଜାଙ୍ଗ-ଲା ସହିଦ ସମ୍ମାନ ସଭା' ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାକୁ ଶିକ୍ଷାବିତ ପୂର୍ଣଚନ୍ଦ୍ର ରାଉତ ସଂଚାଳନ କରିଥିଲେ । ସହିଦମାନଙ୍କ ବଳିଦାନକୁ ଦେଶରେ ଗୁରୁତ୍ୱ ସହିତ ସମ୍ମାନ ମିଳିପାରିଲେ ହିଁ ସେମାନଙ୍କ ବଳିଦାନ ସାର୍ଥକ ହେବେବୋଲି ଅତିଥି ଏବଂ ବକ୍ତାମାନେ ମତ ରପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ଉମଲ୍ଲବର ସଜନଜନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଶୁଭଦା କୁମାର ଗୁପ୍ତ, ହୃଷିକେଶ ଗୋଇ, ଧର୍ମଗଡ଼ ଯାଦବ ଜିଲ୍ଲା ଧର୍ମଗଡ଼ ସଭାପତି ଅରୁପାନନ୍ଦ ନାଗ, ଶିକ୍ଷାବିତ ସାତାରାମ ଘି, କୁଳାରୁଡ଼ି ବୁଲ ସଭାପତି ପ୍ରେମକାଲ ଘି, ସଂପାଦକ ଚନ୍ଦ୍ରଶେଖର ବାଗ, ଅଧ୍ୟାପିକା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଭବାନୀପାଟଣା ଡ଼ଃ ସରିତା ବାଗ, ଅଧ୍ୟାପିକା ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା ନିକିତା ଗାଉଡ଼, ବରିଷ୍ଠ ସାଂଚେ ଉଖା ସମାଜସେବୀ ଧନଞ୍ଜୟ ବାଗ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପଦ୍ମିତ ବାଗ ଓ ଜମାକାନ୍ତ ବାଗ ପରିଚାଳନା କରିଥିଲେ । ଅର୍ଜୁନ କୁମାର ଜାତି ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ହଂସ, ସୋମ ବେରେରା, ବିଶ୍ୱନାଥ ବାଗ, ମନରଞ୍ଜନ ରଣ, ପୂର୍ଣଚନ୍ଦ୍ର ଗୌଡ଼, ତ୍ରିଲୋଚନ ନାଗ, ଜୀବ୍ରୁ ଚରଣ ଗୌଡ଼, ମଂଟୁ ନାଗ, ଚିତ୍ତାମଣି ନାଗ, ତ୍ରିନାଥ ବାଗ, ଟୁନା ଗହାର, ହାର ନାଗ ଦୟାନିଧି ବଦୋଜ୍ଞୋର, ରାଜେନ୍ଦ୍ର ବିଶି, ଅମୃତ କୁମାର ବାଗ କହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଶିକ୍ଷାବିତ, ମହିଳା ଓ ସମାଜ ସେବିମାନେ ଯୋଗ ଦେଇଥିଲେ ।

ହାଟଡିହୀ ବ୍ଲକ୍‌ରେ ଡିଏମ୍‌ଏଫ୍ - ଉଦ୍ୟମୀ ପ୍ରକଳ୍ପ ଅଧୀନରେ ତିନିଦିନିଆ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ ଶିବିର ଆରମ୍ଭ



ହାଟଡିହୀ, ୧୯/୧୧ (ଆ.ପ୍ର) : ହାଟଡିହୀ ବ୍ଲକ୍ ସଭା ଭବନରେ ଡିଏମ୍‌ଏଫ୍ -ଉଦ୍ୟମୀ ପ୍ରକଳ୍ପ ଅଧୀନରେ ତିନିଦିନିଆ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ହାଟଡିହୀ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣରେ ଉପସ୍ଥିତ ଆତ୍ମନିର୍ଭରଶୀଳ ହିତାଧିକାରୀମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ଓ ଆତ୍ମନିର୍ଭରଶୀଳତା ଦିଗରେ ଉତ୍ସାହିତ କରିଥିଲେ । ଶ୍ରୀ ପରିଡ଼ା ଏହି ପ୍ରଶିକ୍ଷଣରେ ଏକ ସମ୍ବଳ ବ୍ୟକ୍ତି ଭାବେ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ବିଶ୍ୱକୃଷ୍ଣ ଓ ଅଶୋକ କୁମାର ବିଶ୍ୱାଳ (କୃଷି ସହାୟକ ବ୍ୟବସାୟିକ ପରିଚାଳକ) ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗ ବିକାଶ ସମ୍ପର୍କରେ ନିଜର ମତାମତ ଓ ଅଭିଜ୍ଞତା ଉପସ୍ଥାପନ କରିଥିଲେ । ଏଥି ସହିତ ଇଚ୍ଛୁ ଆଇଆରର ପ୍ରକଳ୍ପ ଅଧିକାରୀ ଶ୍ରୀ ଅରବିନ୍ଦ, ହାଟଡିହୀ ବ୍ଲକ୍ ପ୍ରକଳ୍ପ ସଂଯୋଜକ ନିହାର ବରଣ ଦାସ, ଶ୍ରୀ ସତ୍ୟବ୍ରତ ଜେନା ଏବଂ ସୁଭଦ୍ରା ବଜିଆରିଂ'ର ଉପସ୍ଥିତ ରହି ପ୍ରଶିକ୍ଷଣ କା



ସମ୍ବାଦର ଆରମ୍ଭ

SEITHO ARAMBHA



ଶୁକ୍ରବାର, ୨୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଜଳିଗଲା ଚାଉମିନ ଫ୍ୟାକ୍ଟ୍ରି

ନୀଳଗିରି, ୧୯/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଗୋପାନାଥପୁର ଗ୍ରାମରେ ଥିବା ଏକ ଚାଉମିନ୍ ଫ୍ୟାକ୍ଟ୍ରିରେ ହଠାତ୍ ନିଆଁଲାଗିଯିବା ଜାଉଣ୍ଡୁ ଫ୍ୟାକ୍ଟ୍ରି ମଧ୍ୟରେ ଥିବା ଅଧିକାଂଶ ସଉଦ୍ଧାମ ପୋଡ଼ିଯାଇଥିବା ଜଣାଯାଇଛି । ଗ୍ରାମର ଜମାକାନ୍ତ ପ୍ରଧାନ ନିଜସ୍ୱର ଅପରମହଲରେ ଏକ ଚାଉମୀନ ଫ୍ୟାକ୍ଟ୍ରି ବର୍ଷାଇ ଦେଖି ବୁଝପରସା ରୋଜଗାରକ୍ଷମ ହୋଇପାରିଥିବା ବେଳେ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଉକ୍ତ ଫ୍ୟାକ୍ଟ୍ରିରେ ନିଆଁଲାଗି ଯାଇଥିଲା । ଫଳରେ ଫ୍ୟାକ୍ଟ୍ରିର ବିଭିନ୍ନ ସଉଦ୍ଧାମ, ଯନ୍ତ୍ରର ଆସବାବପତ୍ର, ଏକ ମଟର, ଗୋଟିଏ ଫେନ୍ ପୋଡ଼ିଯାଇଥିବା ଜଣାଯାଇଛି ।ଘଟଣାରେ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାରକାର୍ଯ୍ୟ ଜାରି ରଖିବା ସହିତ ନିଆକୁ ଆୟତ କରିଥିଲେ । ତେବେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି ।

ବାଲିଆପାଳରେ ଯୁବକଙ୍କୁ ହତ୍ୟା ଉଦ୍ୟମ

ଥାନାରେ ମାମଲା ରୁଜୁ, ଗିରଫକୁ ଅପେକ୍ଷା କେବେ ?

ଲଙ୍ଗଳେଶ୍ୱର, ୧୯/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ପାଣ୍ଡି ଅଂଚଳ ଯମୁନାଖୁଣ୍ଟ ପାଟୁନିବାସ ସମ୍ମୁଖ ଓ ସମୁଦ୍ର ବେଳାଭୂମି ଅଂଚଳ ଅସାମାଜିକ ଯୁବକଙ୍କ ଆତ୍ମପ୍ରସ୍ତନା ପାଲଟିଥିବା ଅଭିଯୋଗ ହୋଇଛି । ସନ୍ଧ୍ୟା ହେଲେ ନିଶାସେବନ ସହ ବିଭିନ୍ନ ଅପ୍ରାକିଳର ପରିସ୍ଥିତି ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏପରିକି ପାଣ୍ଡିରେ ଅଭିଯୋଗ କଲେ ମଧ୍ୟ ଘଟଣାକୁ ଚାପି ଦିଆଯାଉଥିବା ନେଇ ଅଂଚଳବାସୀ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁସାରେ, ଗତ ୧୬ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଚାନ୍ଦବଣି ଗ୍ରାମର ବିନୟ ପରିଡ଼ା (୧୯)କୁ ଖାଦାଇ ଗ୍ରାମର ସିପୁନ ଗାଉଡ଼, ନୁଆଗାଁ ଗ୍ରାମର ନବ ମାଝିଙ୍କ ଓ କୁଶ ମହାନ୍ତି ଫୋନ୍ କରି ପାଟୁନିବାସ ସମ୍ମୁଖକୁ ଡାକିଥିଲେ । ସେଠାରେ ପୂର୍ବ ଶତ୍ରୁତାକୁ ଲେଉଟରି ସିପୁନ, ନବ, କୁଶଙ୍କ ସମେତ ଅସିତ ରାଉତ ଓ କଳିଙ୍ଗ ଜେନା ବିନୟକୁ ଗାଳିଗୁଲଜ କରିବା ସହ ଝୁଡ଼ା ଓ ଗୁଜାଲିରେ ଗଳା, ନାକ, କାନ, ଛାତି ଓ ପିଠିକୁ ଆକ୍ରମଣ



କରିଥିବା ଅଭିଯୋଗ ହୋଇଛି । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଂଚିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ବିନୟଙ୍କୁ ତାଙ୍କ ଘରୁ ବହୁ ଉଦ୍ଧାର କରି ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ବାଲେଶ୍ୱର ମେଡିକାଲ ଓ ଶେଷରେ କଟକ ଏସ୍‌ସିବି ମେଡିକାଲକୁ ନେଇଥିଲେ । ବର୍ତମାନ ସେଠାରେ ବିନୟଙ୍କ ଚିକିତ୍ସା ଚାଲିଛି । ଘଟଣା ଦିନ ସନ୍ଧ୍ୟା ୭. ୩୦ ମିନିଟ ସମୟରେ ବିନୟଙ୍କ ମାମୁଁ ବିକାଶ ଚନ୍ଦ୍ର ସାମନ୍ତରାୟ ଜାମକୁଣ୍ଡା ପାଣ୍ଡିରେ ଅଭିଯୋଗ କରିଥିଲେ । ମାତ୍ର ଅଭିଯୋଗ ପଞ୍ଜିକରଣ ଓ ଏତଲା ଜପି ମିଳିବାରେ ବିନୟ ହୋଇଥିବା ଜଣା ପଡିଛି । ଡାପରଦିନ ବାଲିଆପାଳ ଥାନା ଅଧିକାରୀ ସଲଖନ ମୁର୍ମୁଙ୍କୁ ଜଣାଇବା ପରେ କେସ୍ ନମ୍ବର ୫୨୧/୨୦୨୬ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ଦାୟିତ୍ୱ ଏଏସ୍‌ଆଇ କେଶବ ଚନ୍ଦ୍ର ଦେଓ୍ୱାଙ୍କୁ ଦିଆଯାଇଛି । ଅନ୍ୟପକ୍ଷରେ ତିନି ଦିନ ବିତିଥିବେ ମଧ୍ୟ ଅଭିଯୁକ୍ତମାନେ ଗିରଫ ହୋଇନଥିବା ଅଭିଯୋଗ ହୋଇଛି । ସେମାନେ ଗାଁ ମଝାସରକୁ ମୁଖିଆଙ୍କ ପୁଅ ସରକ ଜେନାଙ୍କ ଘର ଲୋଡି ଖାଉଥିବା ମଧ୍ୟ ଦେଖିବାକୁ ମିଳିଥିବା କୁହାଯାଇଛି । ଘଟଣାର ତଦନ୍ତ ଚାଲିଛି ଏବଂ ଦୃତଗାମ୍ର ଅଭିଯୁକ୍ତଙ୍କୁ ଖୋଜି ଗିରଫ କରିବାକୁ ପୋଲି ସବ ଇନ୍‌ସପେକ୍ଟର ଶ୍ରୀ ଦେଓ୍ୱା କହିଛନ୍ତି । ଅଭିଯୁକ୍ତଙ୍କ ମୋବାଇଲ ଲୋକେସନ, ସିଡିଆର ଓ ଘଟଣାସ୍ଥଳର ଭିଡିଓ ଯାଂଚ କରି ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ତଦନ୍ତକାରୀ ଅଧିକାରୀ ଚେଷ୍ଟା କରୁଛନ୍ତି । ଏଥିସହ ଅଂଚଳରେ ନିଶା କାରବାର ଓ ଅସାମାଜିକ କାର୍ଯ୍ୟକଳାପ ରୋକିବା ସହ ଆଇନଶୃଙ୍ଖଳା ସୁଦୃଢ଼ କରିବାକୁ ପୋଲିସ ପ୍ରଶାସନକୁ ଦାବି କରାଯାଇଛି ।

ବସ୍ତା-ବାଲିଆପାଳ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାନସଭାରେ ଦାବି ଉଠାଇଲେ ବିଧାୟିକା ସୁବାସିନୀ ଜେନା

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ବାଗୟାର ବନ୍ୟା, ଲଗାଣ ବର୍ଷ ଓ ଜଳବନ୍ଦୀ ସମସ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବସ୍ତା ଓ ବାଲିଆପାଳ ବ୍ଲକରେ ଚାଷଜମିର ବ୍ୟାପକ କ୍ଷତି ହେଉଥିବାରେ ଏହାର ସ୍ଥାୟୀ ସମାଧାନ ପାଇଁ ବିଧାନସଭାରେ ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଦାବି ଉଠାଇଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ଗୁରୁବାର ବିଧାନସଭାରେ ତାଙ୍କ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ବ୍ଲକରେ ଜଳନିଷ୍କାସନ ଓ ଜଳସେଚନ ପାଇଁ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ସରକାରୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛନ୍ତି । ବିଧାୟିକା ଶ୍ରୀମତୀ ଜେନା ଜାଣିବାକୁ ଚାହିଁଥିଲେ ଯେ, ବସ୍ତା ଓ ବାଲିଆପାଳ ବ୍ଲକର କୃଷିଜମିର ସୁରକ୍ଷା ପାଇଁ ପଂଚାୟତଭିତ୍ତିକ ଜଳନିଷ୍କାସନ ଓ ବାନ୍ଧବ ଜଳସେଚନ ସୁବିଧା ଆକଳନ କରାଯାଇଛି କି ନାହିଁ । ଏଥିସହିତ ସୁବର୍ଣ୍ଣରେଖା ନଦୀ ସମେତ ଅନ୍ୟାନ୍ୟ ଜଳଉତ୍ସକୁ ଆଧାର କରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ, କେନାଲ ଓ ଡ୍ରେନେଜ୍ ବନ୍ଧଦ୍ୱାର ନବୀକରଣ, ଜଳ ସଂରକ୍ଷଣ ଏବଂ ବନ୍ୟାଜଳର ଶୀଘ୍ର ନିଷ୍କାସନକୁ ସାମିଲ କରି ଏକ ପଂଚାୟତଭିତ୍ତିକ ଓ ସମୟସୀମା ନିର୍ଦ୍ଧାରିତ 'ବସ୍ତା ସମନ୍ୱିତ ବନ୍ୟା ନିୟନ୍ତ୍ରଣ, ଜଳନିଷ୍କାସନ ଓ ଜଳସେଚନ ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବାକୁ ସରକାର ପଦକ୍ଷେପ ନେବେ କି ବୋଲି ସେ ପ୍ରଶ୍ନ କରିଥିଲେ । ଉତ୍ତରରେ ମୁଖ୍ୟମନ୍ତ୍ରୀ ଖୁବ୍ ଚଳିତ୍ତିରେ କହିଛନ୍ତି ଯେ, ଉଭୟ ବ୍ଲକର କୃଷିଜମିରେ ପଂଚାଳାଳି ଓ ଜଳସେଚନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ପଂଚାୟତଧାଡ଼ୀ ଆକଳନ କରାଯାଇନାହିଁ । ତେବେ ଜଳବନ୍ଦୀ ଅଂଚଳରୁ ଜଳ ନିଷ୍କାସନ ଏବଂ ସୁବର୍ଣ୍ଣରେଖା ନଦୀକୁ ସଂଯୋଗ କରୁଥିବା ପାକୁଡିକ ବାଜଗୁଡ଼ିକର ପୁନରୁଦ୍ଧାର ପାଇଁ ଡ୍ରେନେଜ୍ ସଂପ୍ରତି ପକ୍ଷରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯାଉଛି । ସରକାରୀ ତଥ୍ୟ ଅନୁଯାୟୀ, ବସ୍ତା ଓ ବାଲିଆପାଳ ବ୍ଲକରେ ପ୍ରାୟ ୪୧.୯୩ କୋଟି ଟଙ୍କା ବ୍ୟୟରେ ଅଟଚଳରେ ୨୦ଟି ପ୍ରମୁଖ ନାଳ ଖନନ ଓ ଜଳନିଷ୍କାସନ ପ୍ରକଳ୍ପର କାର୍ଯ୍ୟ ଚାଲିଛି । ସେଥିରୁଟିକ ଘେରା ପକ୍ରପଳା ନାଳ ଓ ଲିଙ୍କ୍ ଡ୍ରେନ୍ସର ପୁନରୁଦ୍ଧାର, ପେଟଗାଳା ନାଳର ପୁନରୁଦ୍ଧାର ସହ ସ୍ଲୁଇସ୍‌ଗଡ଼ ଜନ୍ମଡିକରଣ ଏବଂ କୁଶଡିହା ନାଳର ଜନ୍ମଡିକରଣ । ଜଳସେଚନ କ୍ଷେତ୍ରରେ ପୁରୁଣାଗେଖା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ବସ୍ତା ବ୍ଲକର ୫ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୩୩ଟି ଗ୍ରାମର ୨,୧୫୮.୦୦୧ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଆଣ୍ଠା ପ୍ରକାଶ କରିଛନ୍ତି ଯେ, ଚାଲୁ ରହିଥିବା ନାଳ ଖନନ ଓ ପୁନରୁଦ୍ଧାର ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେଲେ ବସ୍ତା ଓ ବାଲିଆପାଳ ଅଂଚଳର ଦୀର୍ଘଦିନର ଜଳବନ୍ଦୀ ସମସ୍ୟା ହ୍ରାସ ପାଇବା ସହ ଚାଷୀମାନେ ଉପକୃତ ହେବେ ।



ବାତ୍ୟା ମୁକାବିଲା ପାଇଁ ଉତର ଓଡ଼ିଶାରେ ଟିପିଏନ୍‌ଓଡିଏଲ୍‌ର ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଅକଭାନ' ଏବଂ ଉତର ଓଡ଼ିଶାର କେତେକ ଅଂଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଇ ଖାରବାସ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଟିପି ନର୍ଥର୍ଣ୍ଣ ଓଡ଼ିଶା ବିଦ୍ଧୁତ୍ କମ୍ପାନୀ ଲିମିଟେଡ୍ (ଟିପିଏନ୍‌ଓଡିଏଲ) ପକ୍ଷରୁ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ସୁଦୃଢ଼ କରାଯାଇଛି । ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବିଦ୍ୟୁତ୍ କର୍ମଚାରୀମାନେ ମୁତୟନ, ଜରୁରୀ ସାମଗ୍ରୀ ପରିବହନ, ବିଦ୍ୟୁତ୍ ନେଟ୍‌ୱର୍କର ନିରୀକ୍ଷଣ ଏବଂ ଉପରୋକ୍ତ ସହାୟତା ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଇଛି । ବାତ୍ୟାଜନିତ ବିଦ୍ୟୁତ୍ ବିଚ୍ଛାତର ତ୍ୱରିତ ମୁକାବିଲା ପାଇଁ ୬,୫୦୨ ଜଣ ବିଦ୍ୟୁତ୍ କର୍ମଚାରୀ ମୁତୟନ କରାଯାଇଛି । ଏଥିସହିତ ଅତିରିକ୍ତ ସହାୟତା ପାଇଁ ପ୍ରାୟ ୮୦୦ ଜଣ ପ୍ରକଳ୍ପ କର୍ମୀଙ୍କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଜରୁରୀ ସେବା ପାଇଁ ୯ଟି ମୋବାଇଲ୍ ବିଦ୍ୟୁତ୍ ବିତରଣ ସବ୍‌ଷ୍ଟେସନ୍, ୨୬୦ଟି ରକ୍ଷଣାବେକ୍ଷଣ ଯାନ, ୫୦ଟି ପୋଲ୍ ମାଷ୍ଟର ଏବଂ ୧୧୨ଟି ଡିଜେଲ୍ ଜେନେରେଟର ପ୍ରସ୍ତୁତ ରଖାଯାଇଛି । ରାତିରେ ମରାମତି କାର୍ଯ୍ୟ ପାଇଁ ଆଲୋକ ବ୍ୟବସ୍ଥା, ରାଇଁପଡ଼ିଥିବା ରାସ୍ତାଘାଟ ହଟାଇବା ପାଇଁ ଜପକରଣ ଏବଂ କେରୁଲ ଟୁଟି ଚିହ୍ନଟ ଯନ୍ତ୍ର ମଧ୍ୟ ଜପଲବ୍ଧ ରଖାଯାଇଛି । ସେହିପରି ବିଦ୍ୟୁତ୍ ମଜାଗଡି ପାଇଁ ଗ୍ରାମ୍ପଂଚାୟତ, ବିଦ୍ୟୁତ୍ ଫ୍ୟୁଜ, ତାର ଓ କେରୁଲ ମହଜୁଦ ରଖାଯାଇଛି । ଚାରିଟି ମୁଖ୍ୟ ଷ୍ଟୋର ଏବଂ ଛଅଟି ଗ୍ରାନ୍ଦ୍ରିଟ୍ ଷ୍ଟୋର ମାଧ୍ୟମରେ ଅବଶ୍ୟକ ସାମଗ୍ରୀକୁ ତ୍ୱରିତ ଭାବେ ଷ୍ଟେପ୍ତରକୁ ପଂଚାଳାଇବାର ବନ୍ଦୋସ୍ତ ହୋଇଛି । ବାଲେଶ୍ୱରସ୍ଥିତ କେନ୍ଦ୍ରୀୟ ଜରୁରୀକାଳୀନ ନିୟନ୍ତ୍ରଣ କେନ୍ଦ୍ର ଏବଂ ଘାସୁର ସିଷ୍ଟମ୍ କଂଟ୍ରୋଲ୍ ସେଂଟର ମାଧ୍ୟମରେ ୨୪ ଘଂଟିଆ ନିରୀକ୍ଷଣ ଓ ସମନ୍ୱୟ କରାଯିବ । ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାସ୍ତରୀୟ ସଂଯୋଜକମାନେ ଜିଲ୍ଲା ପ୍ରଶାସନ, ଜରୁରୀ ସେବା ସଂସ୍ଥା ଏବଂ ବିଦ୍ୟୁତ୍ କ୍ଷେତ୍ରର ସହଯୋଗୀ ସଂସ୍ଥାଙ୍କ ସହ ନିରନ୍ତର ସମନ୍ୱୟ ରଖିବେ । ଅତ୍ୟାବଶ୍ୟକ ସେବାର ସୁରକ୍ଷା ସହ ଉପଭୋକ୍ତା ଓ କ୍ଷେତ୍ର କର୍ମଚାରୀଙ୍କ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦିଆଯିବ । ପ୍ରସ୍ତୁତି ସମ୍ପର୍କରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ମନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ଉପଭୋକ୍ତା ଓ କ୍ଷେତ୍ର କର୍ମଚାରୀଙ୍କ ସୁରକ୍ଷା ସଂପ୍ରାର ସର୍ବୋଚ୍ଚ ପ୍ରାଥମିକତା । ଜରୁରୀ ପରିସ୍ଥିତିରେ ମୁକାବିଲା ପାଇଁ ଅଧିକାରୀ, ଉପଭୋକ୍ତା ଓ ଆଦଖାଦ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି । ଉପଭୋକ୍ତାମାନେ ବିଦ୍ୟୁତ୍ ସୁରକ୍ଷା ସଂକ୍ରାନ୍ତିକ ପରାମର୍ଶ ପାଳନ କରିବା ସହ କୌଣସି ବିପଦଜନକ ପରିସ୍ଥିତି ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ସେ ଅନୁରୋଧ କରିଛନ୍ତି । ବାତ୍ୟା ସମୟରେ ଛିଣ୍ଡିଯିବୁଥିବା କିମ୍ବା ଝୁଲୁଥିବା ବିଦ୍ୟୁତ୍ ତାର ଏବଂ ଜଳମଗ୍ନ ଅଂଚଳରେ ଥିବା ବିଦ୍ୟୁତ୍ ସ୍ପ୍ରଲ୍ପାଠାରୁ ଦୂରରେ ରହିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି । ଓଡ଼ା ଜାତରେ କିମ୍ବା ପାଣିରେ ପିଆ ଯାଇଥିବା ବିଦ୍ୟୁତ୍ ଉପକରଣ ଛୁଇଁବା ଏବଂ ନିଜେ ବିଦ୍ୟୁତ୍ ମରାମତି କରିବାକୁ ନିବୃତ ରହିବାକୁ କୁହାଯାଇଛି । ଶିଶୁମାନଙ୍କୁ ଖୋଲା ବିଦ୍ୟୁତ୍ ତାର ଓ ଜଳଜଳଯାଉଥିବା ଦୂରରେ ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ବିଦ୍ୟୁତ୍‌ଜନିତ ବିପଦ, ବିଦ୍ୟୁତ୍ ସେବାରେ ବିଘ୍ନ ଜିମ୍ବା ଜରୁରୀ ସହାୟତା ପାଇଁ ଉପଭୋକ୍ତାମାନେ ୨୪ ଘଂଟିଆ ହେଲପ୍‌ଲାଇନ୍ ଗ୍ରାହକ ସେବା ନମ୍ବର ୧୯୧୨ କିମ୍ବା ୧୮୦୦-୩୪୫-୬୬୧୮ରେ ଯୋଗାଯୋଗ କରିପାରିବେ ।

ଫକୀରମୋହନ ଗୋଲେଇ ଆସରରେ କବି କମଳାକାନ୍ତ ଲେଙ୍କା କାବ୍ୟ ସକାଳ ଓ କବିତା ପାଠ

ବାଲେଶ୍ୱର, ୧୯/୧୧ (ଆ.ପ୍ର) : 'ଆମର ବିଶ୍ୱାସ ଭଲ କବିତା କେବଳ ଗଣତନ୍ତ୍ର/ଜଣତନ୍ତ୍ରକୁ ନେଇ ବଟ୍‌ତ ନାହିଁ । ବଟ୍‌ତ ହୃଦୟକୁ ନେଇ । ଅନୁଭୂତି ଓ ଅନୁଭବର କଳାତ୍ମକ ପ୍ରକାଶକୁ ନେଇ,' ଯାହା କବି କମାକାନ୍ତ ଲେଙ୍କାଙ୍କ ସମ୍ପାଦିତ ସାମ୍ପ୍ରତିକ କବିତା ସଙ୍କଳନ 'ଭୂଚିପତ୍ର'ର ଦ୍ୱିତୀୟ ସଂସ୍କାରରେ କୁହାଯାଇଛି । ଏକଥା କବିଙ୍କ କବିତାରେ ସ୍ପଷ୍ଟ ଓ ପ୍ରତିଫଳିତ ହୋଇଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଛି । ଆଜି ପୂର୍ବାହ୍ନରେ ସହରର ଫକୀରମୋହନ ଗୋଲେଇ ସାହିତ୍ୟ ଆସରରେ କବି କମଳାକାନ୍ତ ଲେଙ୍କାଙ୍କ ୯୧ତମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଉପସ୍ଥିତ କବିମାନେ କମଳାକାନ୍ତଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ତାଙ୍କ କବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିବେ । କଥାକାର ଗଂଗାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ



କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ ଦାସ ତାଙ୍କ ଉଦ୍ବୋଧନରେ କବି କମଳାକାନ୍ତଙ୍କ କବିତା ହୃଦୟତତ୍ତ୍ୱକୁ ସ୍ପର୍ଶ କରି ତେତଳା ସ୍ତରରେ ଅତଯାତ ହୋଇଥାଏ ବୋଲି କହିବା ସହ କବିଙ୍କର ଏକ କବିତା ପାଠ କରିଥିଲେ । ଅନ୍ୟତମ ଆଲୋଚକ କବି ଉତ୍ପଳ ମହାନ୍ତି କବିଙ୍କ କବିତାରେ ପ୍ରତିଫଳିତ ହୋଇଥିବା ସମ୍ପର୍କରେ କବିତା ସହ ତାଙ୍କ କବିତାରେ ପ୍ରକାଶିତ ନିଗୀଷା ସାଙ୍ଗକୁ ଜଣେ ଧୂଳୀଶ ଓ ସଫଳ କବି ଥିବେ ବୋଲି ମତ ଦେଇ କବିଙ୍କ ଏକ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ମଧୁସୂଦନ ମିଶ୍ର, ସାହିତ୍ୟିକ ଶୁଭାଶିଷ ପରିଷଦର ଯୁଗ୍ମ ସମ୍ପାଦକ ରାଜେଶ ଗିରି କବି କମଳାକାନ୍ତଙ୍କ କବିତା ସଙ୍କଳନରୁ କବିତା ପାଠ କରି ଜୟନ୍ତୀ ପାଳନରେ ନିଜର ସହିୟ ସହଭାଗିତା ରଖିଥିଲେ । ସଦ୍ୟସ୍ୟ ସୁକୁମାର ଘୋଷ ଓ ଶ୍ରୀମନ୍ତ ଦାସ କବିଙ୍କ କବିତା ପ୍ରତି ନିଜର ସମ୍ମାନ ଜଣାଇଥିଲେ । ଶେଷରେ ଜେମୁଣା ଅକ୍ସଫୋର୍ଡ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ସାହୁ କବିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ ।

ବାତ୍ୟା 'ଅକଭାନ' ମୁକାବିଲା ପାଇଁ ବାଲେଶ୍ୱର ପ୍ରଶାସନ ସଜାଗ

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅକଭାନ'କୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବାତ୍ୟାର ପ୍ରଭାବରେ ଜିଲ୍ଲାର ୩୨ଟି ଗ୍ରାମ ପଂଚାୟତର ପ୍ରାୟ ୨ ଲକ୍ଷ ୮୨ ହଜାର ୭୧୧ ଜଣ ଲୋକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ପ୍ରଶାସନ ସମସ୍ତ ପ୍ରକାର ଆଗୁଅ ପଦକ୍ଷେପ ଗ୍ରହଣ କରିଛି । ତେବେ ସଦ୍ୟତମ ସୂଚନା ଅନୁଯାୟୀ, ବର୍ତମାନ ସୁଦ୍ଧା ଜିଲ୍ଲାର କୌଣସି ବ୍ଲକ କିମ୍ବା ଗ୍ରାମ ପଂଚାୟତ ବାତ୍ୟା ଦ୍ୱାରା ପ୍ରଭାବିତ ଘୋଷଣା ହୋଇନାହିଁ । ବିପର୍ଯ୍ୟୟର ମୁକାବିଲା ଓ ତ୍ୱରିତ ରକ୍ଷାର କାର୍ଯ୍ୟ ପାଇଁ ଜିଲ୍ଲାରେ ଓଡ଼ିଆଏ ଡ୍ରପ୍ ଟିମ୍, ଓଡିଏ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ଟି ଅଗ୍ନିଶମ ବାହିନୀ ଦଳ, ୧୨ଟି ପ୍ରାଣୀ ଚିକିତ୍ସା ଦଳ ଏବଂ ୧୨ଟି ଜଳସେଚନ ଦଳ ମୁତୟନ କରାଯାଇଛି । ଏଥିସହିତ ଜିଲ୍ଲାର ୬ଟି ବ୍ଲକ ସ୍ତରରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ବିଭିନ୍ନ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି । ଅନ୍ୟପକ୍ଷରେ, ନଜରୁର ୧୯ ତାରିଖ ଅପରାହ୍ନ ୨ଟା ସୁଦ୍ଧା ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ରହିଛି । ଜଳଜା ନଦୀର ଜଳସ୍ତର ୩.୪୦ ମିଟର, ବୁଢ଼ାବଳଙ୍গ ନଦୀର ୧.୩୦ ମିଟର ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ୪.୨୯ ମିଟର ରେକର୍ଡ କରାଯାଇଛି । ବାତ୍ୟା ସମୟରେ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ଓ ଖାଦ୍ୟ ଯୋଗାଇବାକୁ ପାଇଁ ଜିଲ୍ଲାରେ ୧,୨୪୪ଟି ଆଶ୍ରୟସ୍ଥଳୀ ଏବଂ ୨୯୩ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ପ୍ରସ୍ତୁତ ରଖାଯାଇଛି । ସମସ୍ତ ବ୍ଲକରେ ଯଥେଷ୍ଟ ପରିମାଣର ଶୁଖୁଆ ଖାଦ୍ୟ ମହଜୁତ ରଖାଯାଇଛି । ସେହିପରି ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ବିଦ୍ୟୁତ ବାହାରିଥିବା ୧,୭୧୭ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨୨୬ ଜଣଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲା ପ୍ର

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ସୃଷ୍ଟି

ଅନନ୍ତ ଜୀବନ୍ତ ଆଜିଯାଏ ଏହି ସୃଷ୍ଟି ରହସ୍ୟ ବିଷୟରେ ଅନେକ ଅସମାହିତ ପ୍ରଶ୍ନ ମଣିଷ ଅନିସ୍ତିତ୍ୱ ମନରେ ରହି ଆସିଛି । ଏହି ଅସମାହିତ ପ୍ରଶ୍ନର ସମାଧାନ ପାଇଁ ମନସ୍ତ୍ୱ ଶଙ୍କା ଦୂରିଭୂତ ପାଇଁ ମଣିଷର ଅବ୍ୟାହତ ଅନ୍ୱେଷା ଚଳିଛି । ଯେତେ ଧ୍ୟାନ ଧାରଣା ଜପ, ତପ, ଅନୁସନ୍ଧାନ ଅନୁଶୀଳନ ସବୁ ଏଇଥିପାଇଁ । ଠିକ ଏଇଭଳି ଦିନେ ଦେବର୍ଷି ନାରଦ ତାଙ୍କର ମହାମାନ୍ୟ ପିତା ଜଗତଗୁରୁ ବ୍ରହ୍ମାଙ୍କୁ ପଚାରିଥିଲେ ଶ୍ରୀମଦ ଭାଗବତରେ ବର୍ଣ୍ଣନା ଅଛି 'ଦେବ ଦେବ ନମସ୍ତେସ୍ତୁ ଭୂତଭାବନ ପୂର୍ବଜ । ତତ୍ ବିଜାନାହି ଯଜ୍ଞଜ୍ଞାନାସ ତତ୍ତ୍ୱ ନିଦର୍ଶନମ୍ । ।' ଅର୍ଥାତ୍ ହେ ପିତୃଦେବ । ଯେଉଁ ଜ୍ଞାନ ଦ୍ୱାରା ଆତ୍ମତତ୍ତ୍ୱର ଦର୍ଶନ ମିଳିଥାଏ ତୟାକରି ମୋତେ ସେହି ଜ୍ଞାନ ପ୍ରଦାନ କରନ୍ତୁ । ସେ ଛଅ ଗୋଟି ଅତି ଗମ୍ଭୀର ତଥା ମୌଳିକ ପ୍ରଶ୍ନ ପଚାରିଥିଲେ । ଏହି ସଂସାରର ସୃଜୁପ କ'ଣ? ଏହାର ଆଧାର କ'ଣ? ଏହାକୁ କିଏ ନିର୍ମାଣ କରିଛନ୍ତି ? ଏହାର ପ୍ରଳୟ ବା ଅନ୍ତ କେଉଁଥିରେ ହୁଏ ? ଏହା କାହା ଅଧୀନରେ ରହିଛି ? ଏହି ବସ୍ତୁଟି ବାସ୍ତବରେ କ'ଣ? ଏହାଛଡ଼ା ସେ ଆଉ ମଧ୍ୟ କିଛି ପ୍ରଶ୍ନ ପଚାରିଛନ୍ତି । ହେ ପିତା! ଆପଣଙ୍କୁ ଏହି ଜ୍ଞାନ ଜେଉଁଥିରୁ ପ୍ରାପ୍ତ ହେଲା ? ଆପଣ କାହାକୁ ଆଧାରକରି ରହିଛନ୍ତି ? ଆପଣଙ୍କର ପ୍ରଭୁ ବା କର୍ତ୍ତା କିଏ ? ଏବଂ ଆପଣଙ୍କ ସୃଜୁପ କ'ଣ ? ଶ୍ରୀମଦ ଭାଗବତ ମହାପୁରାଣରେ ଏହିସବୁ ତତ୍ତ୍ୱାପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେବା ଜଗତର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ବ୍ରହ୍ମଦେବ କହିଲେ - ବସ ନାରଦ! ବାସ୍ତବରେ ଭଗବାନ ହେଉଛନ୍ତି ସର୍ବଶକ୍ତିମାନ । ଏହି ସୃଷ୍ଟି ତତ୍ତାଚର ସବୁକିଛି ତାଙ୍କରି ପ୍ରଭାବର ପରିପ୍ରକାଶ । ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ନକ୍ଷତ୍ର, ଅଗ୍ନି ଆଦି ଯେଉଁରି ଜଗତପତିଙ୍କ ଜ୍ୟୋତିରେ ଜ୍ୟୋତିଷ୍ମାନ ହୋଇ ଜଗତକୁ ଜ୍ୟୋତି ପ୍ରଦାନ କରୁଛନ୍ତି ମୁଁ ମଧ୍ୟ ସେହି ସ୍ୱୟଂ ପ୍ରଭୁଙ୍କ ଦିବ୍ୟ ଜ୍ୟୋତିର ଜ୍ୟୋତିଷ୍ମାନ ହୋଇ ଜଗତର ସୃଷ୍ଟି କର୍ମ ନିର୍ବାହ କରୁଛି । ସେହି ବିଶ୍ୱପତି ବିଶ୍ୱଗୁରୁ ଭଗବାନ ବାସୁଦେବଙ୍କୁ ମୁଁ ନତ୍ୟ ବନ୍ଦନା କରୁଛି । ତାଙ୍କୁ ଧ୍ୟାନ କରୁଛି । ସମସ୍ତ ଜୀବ ଜଗତ, କାଳ, କର୍ମ, ସ୍ୱଭାବ, ଦୃଶ୍ୟ, ଅଦୃଶ୍ୟ ସବୁରୁକିଛି ଈଶ୍ୱରଙ୍କ ଜିନ୍ନ ଅନ୍ୟ କିଛି ନୁହେଁ । ସକଳ ପୂଜାପାଠ, ଜପଯାଜ, ତପସ୍ୟା ବେଦ ବେଦାନ୍ତ, ଉପନିଷଦ, ଶାସ୍ତ୍ର ପୁରାଣ, ପାରାୟଣ, ଯୋଗ ସାଧନା, ଜ୍ଞାନସହର ଏକ ମାତ୍ର ଲକ୍ଷ୍ୟ ହେଉଛି ଈଶ୍ୱର ପ୍ରାପ୍ତି । ଈଶ୍ୱର ପ୍ରାପ୍ତିରେ ହିଁ ସକଳ ସାଧ ସାଧନାର ପରିପୂର୍ତ୍ତି । ସେହି ଦୃଶ୍ୟ ସେହି ଦ୍ରଷ୍ଟା ସେ ସମସ୍ତଙ୍କର ନିୟାମକ । ସେହି ସମସ୍ତଙ୍କର ଆତ୍ମବେତନା । ସେ ନିର୍ବିକାର ନିରଞ୍ଜନ ସର୍ବସ୍ୱରୂପ ସର୍ବମୟ ପରମ ପୁରୁଷ ପରମାତ୍ମା । ତାଙ୍କରି କୃପାରେ ତାଙ୍କ ଦ୍ୱାରା ପ୍ରେରିତ ହୋଇ ତାଙ୍କରି ଶକ୍ତିରେ ମୁଁ ଏହି ସୃଷ୍ଟି ସମ୍ଭାରର ସର୍ଜନା କରିଛି । ସୃଷ୍ଟି ସ୍ଥିତି ପ୍ରଳୟ ସବୁ ତାଙ୍କ କର୍ତ୍ତୃତ୍ୱ । ସେ ମାୟାତୀତ ମାୟାଧୀଶ । ନିଜ ମାୟାଦ୍ୱାରା ସେ ସୃଷ୍ଟି ସ୍ଥିତି ପ୍ରଳୟ ତତନା ନିମନ୍ତେ ସତ୍ୱ, ରଜ, ତମ ରୂପକ ତ୍ରିଗୁଣ ଧାରଣ କରିଛନ୍ତି । ତତ୍ତତ୍ତ୍ୱା ଜୀବାତ୍ମା, ପରମାତ୍ମାଙ୍କର ଅଂଶ ଏବା ସତ୍ୟ । ତଥାପି ସେ ଜୀବାତ୍ମା ତୁଲ୍ୟ, ଜ୍ଞାନ ଓ କ୍ରିୟାର ଆଶ୍ରୟ ନେଇ ଲାର୍ଯ୍ୟ କାରଣ ଓ କର୍ଯ୍ୟ ପଣର ଅଭିମାନରେ ବାନ୍ଧି ହୋଇଯାଏ । ଇନ୍ଦ୍ରିୟାତୀତ ଈଶ୍ୱର ଏହି ତ୍ରିଗୁଣର ଆବରଣରେ ନିଜ ସ୍ୱରୂପକୁ ଆବୃତ କରିଦିଅନ୍ତି । ତେଣୁ ଲୋକେ ତାଙ୍କୁ ଦିନ୍ନିପାରନ୍ତି ନାହିଁ । ସେ ଖାଲି ମୋର ତୁମର ଏହି ସମ୍ଭାର ସଂସାରର ସ୍ୱାମୀ । ତାଙ୍କ ଜିନ୍ନ ଅନ୍ୟ କିଛି ନାହିଁ । ସେ ଜଗତ ସ୍ୱାମୀ ଜଗତ୍ପାଳ । ବେଦାନ୍ତିକ ବା ସାତ୍ତ୍ୱିକ ଆଚ୍ଚାରଉତ୍ତୁ ମନ ଓ ଇନ୍ଦ୍ରିୟ ମାନଙ୍କର ଦଶଗୋଟି ଅଧିଷ୍ଠାତା ଦେବତା ଯଥା ଦିଗପାଳ, ବାୟୁ, ସୂର୍ଯ୍ୟ, ବରୁଣ, ଅଶ୍ୱିନୀକୁମାର, ଅଗ୍ନି, ଇନ୍ଦ୍ର, ବିଷ୍ଣୁ, ମିତ୍ର ଓ ପ୍ରଜାପତି ଉତ୍ପନ୍ନ ହେଲେ । ତେଜସ ବା ରାଜସ ଅହଂକାର ବିକାରରୁପ ହୋଇ ଶ୍ରୋତ୍ର, ତ୍ୱକ, ନେତ୍ର, ଜିହ୍ୱ ଓ ଘ୍ରାଣ ଏହି ପାଞ୍ଚ ଗୋଟି ଜ୍ଞାନେନ୍ଦ୍ରିୟ ଏବଂ ବାକ, ପାଣି, ପାଦ, ପାୟୁ (ମଳଦ୍ୱାର) ଓ ଜନନେନ୍ଦ୍ରିୟ ଏହି ପାଞ୍ଚଟିଟେ କର୍ମେନ୍ଦ୍ରିୟ ଉତ୍ପନ୍ନ ହେଲା । ଏହିସବୁ ସହିତ ଜ୍ଞାନଶକ୍ତି ରୂପୀ ବୁଦ୍ଧି ଓ କ୍ରିୟା ଶକ୍ତି ରୂପୀ ପ୍ରାଣ ମଧ୍ୟ ତେଜସ ଅହଂକାରରୁ ଉତ୍ପନ୍ନ ହେଲା । ଏହି ପଞ୍ଚ ମହାଭୂତ, ମନବୁଦ୍ଧି ଆଦି ଇନ୍ଦ୍ରିୟଗଣ, ସତ୍ୱ, ରଜ, ତମ ଆଦି ତିନିଗୁଣ ପରସ୍ପର ସଙ୍ଘଟିତ ହୋଇପାରି ନଅବରୁ ସେମାନେ ନିଜର ସଠିକ ସ୍ଥାନ ନିଗୁପଣ କରିପାରିନଥିଲେ । ଈଶ୍ୱର ନିଜର ଶକ୍ତି ଦ୍ୱାରା ସେମାନଙ୍କୁ ଭାବ ଜ୍ଞଳ କରି ତ୍ୟଣ୍ଡି ସମ୍ଭାଷ୍ଟି ରୂପକ ପିଣ୍ଡ ଓ ବ୍ରହ୍ମାଣ୍ଡ ନିର୍ମାଣ କଲେ ।

ଶ୍ରୀକ୍ଷେତ୍ରରେ ପୁଣ୍ୟ କାର୍ତିକ, ରାଇଦାମୋଦର ବେଶ ଓ ବାଲଧୂପ

॥ କବୀର କୁମାର ଜେନା ॥

କାର୍ତିକ ମାସ ଆମ ପ୍ରତିଟି ଓଡ଼ିଆ ଘର ପାଇଁ ଏକ ପୁଣ୍ୟ ମାସ । ପ୍ରତ୍ୟୁଷରୁ ଶଙ୍ଖଧ୍ୱନୀ, ପ୍ରଭାତୀ, ସନ୍ଧ୍ୟା ପର୍ଯ୍ୟନ୍ତ ଦେବାଳୟରେ ନାମ ସଂକୀର୍ତନ ସହିତ ଆଳାଣଦାପ ପ୍ରଜ୍ୱଳିତ ହୋଇଥାଏ । ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିରେ ଏହା ମାସ ଜିତରେ ଶ୍ରେଷ୍ଠ । 'କାର୍ତ୍ତାତକ ନିତ୍ୟସ୍ନାୟୀ ନିତ୍ୟାୟ ପରମାତ୍ମନେ । ତନଇତ୍ର ସୁରତ୍ରାଣାଂ ଜଗନ୍ନାଥାୟତେ ନମଃ । ।' ଶ୍ରୀକ୍ଷେତ୍ର ପୁରୀ ଭାରତ ବର୍ଷର ଏକ ମହାନ ଧର୍ମପୀଠ । ଶାସ୍ତ୍ରରେ କୁହାଯାଇଛି, ମହାଜାତିକ ମାସରେ ରାଇଦାମୋଦର ବ୍ରତ କରି ଭବିଷ୍ୟାନ୍ତ ଉଖଣ୍ଡ କଲେ ବିଶେଷ ପୁଣ୍ୟାର୍ଜନ ହେବା ସହିତ ଜନ୍ମ ଜନ୍ମର ପାପ ଧୌତ ହୋଇଯାଏ । ତେଣୁ ବିଶେଷତଃ ବୟସ୍କା ମହିଳାମାନେ ମହାଜାତିକ ମାସରେ ରାଇଦାମୋଦର ବ୍ରତ ପାଳନ ସହିତ ଭବିଷ୍ୟାନ୍ତ ଉଖଣ୍ଡ କରି ମାସତି ଅତ୍ୟନ୍ତ ନିଷ୍ଠାର ସହିତ ଅତିବାହିତ କରନ୍ତି । ଭବିଷ୍ୟାନ୍ତ କହିଲେ ଦିନକ ମଧ୍ୟରେ ମାତ୍ର ଗୋଟିଏ ଥର ଭୋଜନ କରିବା । ଏହି ବ୍ରତରେ ସୂର୍ଯ୍ୟୋଦୟରୁ ସ୍ନାନ ଶେଷ କରି ପୁଷ୍ପତିଣୀ କୂଳରେ ତାମୁଳା ପୂଜା ବା ମୃତ୍ତିକା ଶଙ୍କର ପୂଜା ବ୍ରତଚାରିଣୀ, ଭବିଷ୍ୟାଳୀମାନେ କରିଥାନ୍ତି । ତତପରେ ସ୍ୱ ସ୍ୱ ଗୃହକୁ ଆସି ତୁଳସୀ ତରୁଣୀମୂଳେ ଦୂବାବତୀଙ୍କ ପୂଜା କରନ୍ତି । ଦୂବାବତୀ ହେଉଛନ୍ତି କାର୍ତିକ ମାସର ଭବିଷ୍ୟାଳୀମାନଙ୍କର ମୁଖ୍ୟ ପୂଜାର ସ୍ଥଳ । ଦୂବାବତୀଙ୍କ ମହିମା ବର୍ଣ୍ଣନା କରି କୁହାଯାଇଛି - 'ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ରେ ତୋର ଦେବତାଙ୍କ ବାସ ।' ଅର୍ଥାତ୍ ତୁଳସୀ ବୃକ୍ଷରେ ତେତିଶ କୋଟି ଦେବତା ରହିଥାନ୍ତି । ଭବିଷ୍ୟାଳୀମାନେ ତତ୍ତୁଳା ପୂଜା ସାରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ନିଜ ନିଜ ଘରକୁ ଆସି ପୁରାଣ ମଣ୍ଡପରୁ କାର୍ତିକ ପୁରାଣ ଶ୍ରବଣ କରନ୍ତି ।

ଶ୍ରୀଜଗନ୍ନାଥ ମନ୍ଦିରରେ କାର୍ତିକ ମାସ ପାଳନର ତାତ୍ପର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପବିତ୍ର କାର୍ତିକ ମାସ ଉପଲକ୍ଷେ ଶ୍ରୀମନ୍ଦିରରେ ଲେଉଡେ ବିଶେଷ ନୀତି ଓ ବେଶ ଲଟ୍ୟାଦି ଅନୁଷ୍ଠିତ ହୋଇଥାଏ । ଏହି ମାସରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ଧର୍ମପ୍ରାୟଣ ବ୍ୟକ୍ତି ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ସାଧାରଣତଃ ଆଶ୍ୱିନ ଶୁକ୍ଲ ଏକାଦଶୀ ଠାରୁ କାର୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କାର୍ତିକ ମାସ ନୀତି ପାଳନ କରାଯାଇଥାଏ । ଏହି ମାସରେ ଦୈନନ୍ଦିନ ନୀତି ବ୍ୟତୀତ ସ୍ୱତନ୍ତ୍ର ଭାବେ ଶ୍ରୀବିଗ୍ରହମାନଙ୍କର ରାଧା ଦାମୋଦର ବେଶ ପଂଚକ ବେଶ, ବାଳଧୂପ, ଦିବା ପହୁଡ଼ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ ।

ଶ୍ରୀ ବିଗ୍ରହମାନଙ୍କ ରାଧା ଦାମୋଦର ବେଶ ଆଉ ବାଳଧୂପ ନୀତି ଅନୁଷ୍ଠିତ ହୋଇଥାଏ । ସକାଳ ଧୂପ ପରେ ଗାଢ଼ ଧୂପ ନୀତିରେ ସାଧାରଣତଃ କୋରା, ଦୋଲାଟା, ଲିଆ, ଅଦା, ଖଜ, କନ୍ଦିଆ ଖୁଡି, ଚାଉଳିଆ, ସେତ, କନାଳା, ଜଦଜା, ଜାଲୁରି, ପଇଡ଼ ଇତ୍ୟାଦି ଭୋଗ ହୋଇଥାଏ । ବାଳଧୂପ ସମୟରେ ପରମ୍ପରା ଅନୁଯାୟୀ ବଡ଼ଛତରା ମଠ ତରଫରୁ ବାଦ୍ୟ, ପାରମ୍ପରିକ ସଙ୍ଗୀତ ଗାନ ସମେତ ଗାଢାକାନ୍ତ ମଠ ତରଫରୁ ସଂକୀର୍ତନ କରାଯାଇଥାଏ । ପୁରା ଶ୍ରୀମନ୍ଦିର ସମେତ ସୁସ୍ପଷ୍ଟିତ ଅବା ଜେଡେକ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ଏମାର ମଠ, ଗ୍ରିମାଜି ମଠ, ବଡ଼ ସତ୍ତ ମଠ, ଜଗନ୍ନାଥ ବଲ୍ଲଭ ମଠ, ରେଡେସା ମଠ, ଉତର ପାର୍ଶ୍ୱ ମଠ ମାନଙ୍କ ତରଫରୁ ବାଳଧୂପ ପାଇଁ ଅନୁଶୀଳା ଭୋଗ ପୁରା ଶ୍ରୀମନ୍ଦିରକୁ ଆସିଥାଏ । ସେହିଭଳି କାର୍ତିକ ମାସ ଉପଲକ୍ଷେ ଶ୍ରୀସେତ୍ରର ଦୁଇ ପ୍ରମୁଖ ମଠର ଶ୍ରୀମନ୍ଦିରରେ ନିୟମ ସେବା ରହିଅଛି । ଏହି ସେବା ନିମନ୍ତେ ମଠର ଦୁଇ ଜଣ ବୈଷ୍ଣବ ଶ୍ରୀମନ୍ଦିରର ଜୟ-ବିଜୟ ଦ୍ୱାର ଦୁଇ ପାର୍ଶ୍ୱ ବିତାରାତ୍ରି ଅଖଣ୍ଡ ଦୀପ ଜଳାଇଥାନ୍ତି ।

ରାଇଦାମୋଦର ବ୍ରତ ଏକ ସର୍ବଜାତୀୟ ବ୍ରତ । କିନ୍ତୁ ଓଡ଼ିଶାରେ ଏହା ଅତ୍ୟନ୍ତ ଲୋକପ୍ରିୟ । ବିଶେଷକରି ଓଡ଼ିଶାର ରାଜ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ଏକ ବାର୍ଷିକ ନୀତି ସହିତ ଏହାର ଯୋଗସୂତ୍ର ରହିଛି ଏବଂ ତାହା ଏହି ବ୍ରତକୁ ସାରା ଓଡ଼ିଶାରେ ଲୋକପ୍ରିୟ କରିଛି । ଓଡ଼ିଆରେ ଏହି ବ୍ରତକୁ ନେଇ ଦୁଇଟି ବ୍ରତକଥା ମିଳେ । ଗୋଟିଏ ବଡଭାଇ ବାପଙ୍କ ନାମରେ ଉଲିଡ 'ରାଇଦାମୋଦର ବ୍ରତକଥା' ଏବଂ ଆଉ ଗୋଟିଏ ରଘୁନାଥ ଦାସ ବିରଚିତ 'ରାଇଦାମୋଦର ବ୍ରତ' । ରଘୁନାଥ ଦାସ ବିରଚିତ ବ୍ରତକଥା ସହିତ ଲକ୍ଷ୍ମୀ ନାରାୟଣଙ୍କ ଜଉତିଖେଳ ଓ ବାଲୁକାଦୂରା ଗୀତ ଆଦି ପ୍ରକାଶିତ ହୋଇଛି ।

ସ୍ୱତନିସି ଅନୁସାରେ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଲ ଏକାଦଶୀ ଠାରୁ କାର୍ତିକ ମାସର ନୀତି ପାଳିତ ହୋଇଥାଏ । ଆଶ୍ୱିନ ଶୁକ୍ଲ ଏକାଦଶୀ ଠାରୁ କାର୍ତିକ ଶୁକ୍ଲ ଦଶମୀ ପର୍ଯ୍ୟନ୍ତ ରାଇଦାମୋଦର ବା ରାଧାଦାମୋଦର ବେଶ ହୁଏ । ତେବେ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ବେଶ ନ ହୋଇ ଏକାଦଶୀ ଦିନ ଲକ୍ଷ୍ମୀନାରାୟଣ ବେଶ ବା ପିଆଲିଆ ବେଶ, ଦ୍ୱାଦଶୀ ଦିନ ବାଲୁଚୁଡ଼ ବେଶ, ତ୍ରୟୋଦଶୀ ଦିନ ତ୍ରିବିକ୍ରମ ବା ଡାଳିକିଆ ବେଶ, ଚତୁର୍ଦ୍ଦଶୀ ଦିନ ଲକ୍ଷ୍ମୀନୃସିଂହ (ଆଢ଼କିଆ) ବେଶ ଏବଂ କାର୍ତିକ ପୂର୍ଣ୍ଣିମା ଦିନ ବାଳଗୋପାଳବେଶ ବେଶ ଅନୁଷ୍ଠିତ ହୋଇଥାଏ । ଆଶ୍ୱିନ ଶୁକ୍ଲ ଏକାଦଶୀ ଠାରୁ ଆରମ୍ଭ କରି କାର୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହିଳାମାନେ ପ୍ରାତଃ ସ୍ନାନ ଓ ହବିଷ୍ୟାନ୍ନ ଭୋଜନ କରି ନିଷାର ସହ ରାଇଦାମୋଦର ବ୍ରତ ପାଳନ କରିଥାଆନ୍ତି । ତତ୍ତୁରାମୂଳେ କିମ୍ବା ତୁଳସୀ ଓ ଅଁଳା ଗଛ ମୂଳରେ ଏହି ବ୍ରତ ପାଳନ କରାଯାଏ । କାର୍ତିକ ଶୁକ୍ଲ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆଁଠ ପଂଚଦିନ ତତ୍ତୁରାମୂଳେ ମୁତୁଳରେ ଶ୍ରୀଜଗନ୍ନାଥଙ୍କ ବତୁର୍ଦ୍ଧାମୂର୍ତି ଆଙ୍କି ସେମାନେ ଏହି ବ୍ରତ ପାଳନ କରିଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଷ୍ପଖେତ୍ର ଶ୍ରୀକ୍ଷେତ୍ରରେ କାର୍ତିକ ମାସ ପାଳନ କରିବା ଅନେକଙ୍କ ପାଇଁ ଏକ ବଡ଼ ଆଧ୍ୟାତ୍ମିକ ପ୍ରାପ୍ତି । ବର୍ତ୍ତମାନଆଉ ଶେଷ ପର୍ଯ୍ୟାୟ ଚଲଛି କାର୍ତିକ ମାସ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ପୁଣ୍ୟ କାର୍ତିକର ମହିମା ଓ ରାଇଦାମୋଦର ବା ରାଧାଦାମୋଦର ବେଶ ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ବହୁ ପ୍ରତୀକ୍ଷିତ । ବ୍ରତଧାରୀଙ୍କ ଜୀବନଚର୍ଯ୍ୟା ବଡଡି ଯିବା ସହ ପୁଣ୍ୟ କାର୍ତିକ ଆମ ସମସ୍ତଙ୍କୁ ଆନନ୍ଦମୟ ଓ ଈଶ୍ୱରମୁଖୀ ଆଲୋକ ଦେଖାଉ ।

ଅତିକଣ୍ଡା, ବରା, ଯାଜପୁର, ଦୂରଭାଷ : ୮୯୧୭୩୭୯୮୮୭

କାର୍ତିକବ୍ରତ ପାଳନକାରୀ ମନୁଷ୍ୟରୂପୀ ବିଷ୍ଣୁମୂର୍ତି

॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ॥

ହିନ୍ଦୁ ପଞ୍ଜିକାରେ ଚାର ମାସ ମଧ୍ୟରୁ କାର୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ଭୋଳି ବିବେଚନା କରାଯାଏ । ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମାନେଇକି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି । କଥିତ ଅଛି, ଭାରତ ଶୈବ ଏବଂ ବୈଷ୍ଣବ ଉଭୟଙ୍କର ଜୀବନର ସବୁ ଶୁଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ଗାତିଜାତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି ।

ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ । କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତିକ ମାସର ଆରମ୍ଭ ହୋଇଥାଏ । ବାର ମାସ ମଧ୍ୟରୁ ଭତ୍ତାବନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତିକ । କାର୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି । ଜଂଗାଳୀ ଜାଲେଶ୍ୱର ଅନୁସାରେ ଅକ୍ଟୋବର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ । ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ବିଶ୍ୱାସ ଆସେ ଯେ ଭତବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି । ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କରେ ଧର୍ମୀୟ ପୌରାଣ୍ୟ ମିଳେ ଭୋଳି ବିଶ୍ୱାସ ରହିଛି । ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବଷୋତ୍ର ଆଦି ଶ୍ରଦ୍ଧାଳୁ ଦେଖି ଭକ୍ତିର ସହ ଜପ କରିଥାନ୍ତି । କାର୍ତିକ ମାସରେ ପ୍ରାତଃସ୍ନାନ କଲେ ସମସ୍ତ ପାପ ନାଶ ଏବଂ ମନୋବାଞ୍ଛା ପୂରଣ ହୋଇଯାଏ ଭୋଳି ପଦ୍ମପୁରାଣରେ ଉଲ୍ଲେଖ ଅଛି । ବାସ୍ତବରେ କାର୍ତିକ ମାସରେ ପ୍ରତ୍ୟୁଷରୁ ଯେଉଁ ବ୍ରତୀ ପୁଷ୍ପତିଣୀରେ ସ୍ନାନ କରେ ସେ ପାଂଚଗୁଣ ଧର୍ମଫଳ ପ୍ରାପ୍ତ ହୁଏ । ଏହି ସ୍ନାନ ପରେ ପରିଧାନ କରୁଥିବା ବସ୍ତ୍ରର ବର୍ଣ୍ଣ ବିଶେଷକରି ଶୁକ୍ଲ, ଏବଂ ଜଳଦାନ ହୋଇଥିବା ବିଧେୟ । ଅନ୍ୟବର୍ଣ୍ଣର ବସ୍ତ୍ର ପରିଧାନକରି ଦେବ ମନ୍ଦିରକୁ ଗଲେ ସିଦ୍ଧିଲାଭ ହୋଇନଥାଏ । ଏହି ମାସରେ ପଦାଖ ପତ୍ରର ଗୁରୁତ୍ୱ ସର୍ବାଧିକ ଅନୁଭବ କରାଯାଇଥାଏ ଭୋଳି ବିଶ୍ୱାସ ଅଛି । ଏହା ବ୍ରହ୍ମାଙ୍କ ସ୍ୱରୂପ ଭୋଳି ଶାସ୍ତ୍ରରେ ବର୍ଣ୍ଣନା ରହିଛି । 'ସ୍ନାନ ଜାଗରଣ' ଦାପ ତୁଳସୀଦଳ ସେବନମ୍ । କାର୍ତିକେ ଯେ ପୁରୁର୍ବତି ତେ ନାରୀ ବିଷ୍ଣୁ ପୁର୍ଦୟଃ ।।' (ପଦ୍ମପୁରାଣ, ଉତରଖଣ୍ଡ, ୮୯/୧୩) 'ପଦ୍ମପୁରାଣ' ଅଷ୍ଟାଦଶ ପୁରାଣ ଅନ୍ତର୍ଗତ ଏକ ପ୍ରମୁଖ ପୁରାଣ । ଏହାର ଉତରଖଣ୍ଡରେ ବର୍ଣ୍ଣିତ ହୋଇଛି କାର୍ତିକବ୍ରତ ମାହାତ୍ମ୍ୟ । ପଦ୍ମା ସତ୍ୟଭାମାଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ଏ ସଂପର୍କରେ ଜଣାଇଛନ୍ତି । ଏହା ସୂତମୁନି ଅନ୍ୟ ମୁନିମାନଙ୍କ ଆଗରେ ବର୍ଣ୍ଣନା କରିଛନ୍ତି । ଏ ସଂପର୍କିତ ଉପାଖ୍ୟାନ ଅନୁସାରେ ଏକଦା କଳ୍ପକୃଷ୍ଣର ଦିବ୍ୟପୁଷ୍ପ ସାଙ୍କରେ ନେଇ ଦେବର୍ଷି ନାରଦ ଦ୍ୱାରକା ଆସିଥିଲେ । ସେହି ପୁଷ୍ପକୁ ଶ୍ରୀକୃଷ୍ଣ ନିଜର ଖୋଳ ସହସ୍ର ପତ୍ନୀଙ୍କୁ ବାଂଟି ଦେଲେ । ସେତେବେଳେ ଭୁଲରେ ସେ ସତ୍ୟଭାମାଙ୍କୁ ତାହା ଦେବାକୁ ଭୁଲିଯାଇଥିଲେ । ସେଥିରେ ସତ୍ୟଭାମା କ୍ଷୁଣ୍ଣ ହେବାରୁ ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ - ପ୍ରିୟେ! ଲୋଭ ପରିହାର କର । ତୁମେ ମୋର ପ୍ରିୟତମା ପତ୍ନୀ । ବେଦାଙ୍ଗ ଇନ୍ଦ୍ରଙ୍କ ବିରୋଧ ସତ୍ତ୍ୱେ ମୁଁ ତମ ଅଗାଧରେ କଳ୍ପବୃକ୍ଷ ରୋପଣ କରିବି ।

ଶ୍ରୀକୃଷ୍ଣ ନିଜର ସେହି ପ୍ରତିଶ୍ରୁତି ରକ୍ଷା କରିଥିଲେ । ସେଥିରେ ବୃକ୍ଷ ହୋଇ ସତ୍ୟଭାମା ତାଙ୍କୁ ପଚାରିଲେ - କେଉଁ ପୁଣ୍ୟରେ ମୁଁ ତମର ପ୍ରିୟତମା ପତ୍ନୀ ହେଲି, ମୋତେ ଏହା କୁହନ୍ତୁ । ତାହା ଶୁଣି ତାଙ୍କର ଭାବ ଧରି ତାଙ୍କୁ କଳ୍ପବୃକ୍ଷ ମୂଳକୁ ନେଇ ଶ୍ରୀକୃଷ୍ଣ କହିଲେ - ତୁମେ ପୂର୍ବଜନ୍ମରେ ଯେଉଁ ପୁଣ୍ୟକୃତ କରିଥିଲ ଏହା ତାହାରି ଫଳ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ସେହି ବ୍ରତ ହେଉଛି - କାର୍ତିକବ୍ରତ । ତୁଳାରାଶିରେ ସୂ



ଆରମ୍ଭ

SEITHO ARAMBHA

ଶୁକ୍ରବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫



ପିଏମ୍ ଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକା ଶିବିର; ସ୍ୱାସ୍ଥ୍ୟ, ଚରିତ୍ର ଗଠନ ଏବଂ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱାରୋପ



ରାୟଗଡ଼ା, ୧୯/୧୧ (ଆ.ପ୍ର) : ପ୍ରଜାନ ପିଏମ୍ ଗୋବିନ୍ଦ ଚନ୍ଦ୍ର ଦେବ (ଜିସିଡି) ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ବୁଧବାର ଦିନ ଏକ ଦ୍ୱାପାକ 'କିଶୋରୀ ବାଳିକା ଶିବିର' ଅନୁଷ୍ଠିତ ହୋଇଯାଇଛି । ଯୁବ ଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଏବଂ ସ୍ୱାସ୍ଥ୍ୟ ସଚେତନତା ସହ ସଶକ୍ତ କରିବା ପାଇଁ ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବୀ ବିଶେଷଜ୍ଞ ଏବଂ ସାମାଜିକ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପରକ୍ଷେପର ମୁଖ୍ୟ ଲକ୍ଷ୍ୟ ଥିଲା କିଶୋରୀ ବାଳିକାମାନଙ୍କୁ ଲିଙ୍ଗୋର ଅବସ୍ଥାର ଅଗ୍ରଗତି ସମ୍ପର୍କରେ ସଚେତନ କରିବା ଏବଂ ସାମାଜିକ ପରିବର୍ତ୍ତନକୁ ସଫଳତାର ସହ ସାମ୍ନା କରିବା ପାଇଁ ଏକ ସ୍ୱାଧୀନ ଓ ସଜାଗଜନକ ଭବିଷ୍ୟତ ଗଢିବାରେ ସହାୟତା କରିବା ଦିଗରେ ଦୃଢ଼ ସାମାଜିକ ଯୋଗାଇ ଦେବା । ବିଶିଷ୍ଟ ସମାଜସେବୀ, ରାୟଗଡ଼ା ଶିଶୁ ମଙ୍ଗଳ ସମିତି (ଉଡବ)ର ପୂର୍ବତନ ସଦସ୍ୟା ତଥା ଓଡ଼ିଶା ଆଦିବାସୀ ମଂଚର ଭାଇସ୍ ଆବାହିକା ବିଦୁଲତା ହୁଇଜା ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରୀମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ହୁଇଜା ଅଳ୍ପ ବୟସରେ ବିବାହ ବିଚ୍ଛେଦରେ ଦୃଢ଼ ଆହ୍ୱାନ ଦେବା ସହ ବାଲ୍ୟ ବିବାହ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଶିଶୁ ଅଧିକାର ଏବଂ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ନିଜର ବୃଶ୍ଚତ୍ୱର ସ୍ତରର ଅଭିଜ୍ଞତା ବଣ୍ଟାଣି ସେ ଯୁବତୀମାନଙ୍କ ପାଇଁ ଏକ ସ୍ୱାଧୀନ ଓ ସମ୍ମାନଜନକ ଭବିଷ୍ୟତ ଗଢିବା ଦିଗରେ ଦୃଢ଼ ସାମାଜିକ ମୂଲ୍ୟବୋଧ, ଶିକ୍ଷା ଏବଂ ଚରିତ୍ର ଗଠନର ମୌଳିକ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ କିଶୋର ନ୍ୟାୟ ଆଇନ (ଜିଲ୍ଲାଙ୍ଗରଉପକ୍ଷର ଜିଲ୍ଲାସ୍ତରମର ଜମ୍ମା) ଅନ୍ତର୍ଗତ ପାଡ଼ିତ ଶିକ୍ଷୁମାନଙ୍କ ପାଇଁ ସଚ୍ଚାରୀକ ପଥରୁ ପରଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୋଇନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଜ୍ୟୋତ୍ସ୍ନାରାଣୀ ଗାଉଡ ଜିଶୋରୀ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ଏକ ଗରୀର ଆଲୋଚନା ପ୍ରଦାନ କରିଥିଲେ । ଡା. ଗାଉଡ ଯୌବନାରମ୍ଭ ସମୟରେ ଘଟୁଥିବା ଶାରୀରିକ ଏବଂ ମାନସିକ ପରିବର୍ତ୍ତନଗୁଡ଼ିକର ବୈଜ୍ଞାନିକ କାରଣ ବୁଝାଇବା ସହ ଏକ ସୁସ୍ଥ ଜୀବନଶୈଳୀ, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ସକାରାତ୍ମକ ଦ୍ୟବହାରିକ ଅଭ୍ୟାସ ବଜାୟ ରଖିବା ଉପରେ ବ୍ୟବହାରିକ ମାର୍ଗଦର୍ଶନ ଦେଇଥିଲେ । କିଶୋରୀ ଅବସ୍ଥାର ସାଧାରଣ ସମସ୍ୟାଗୁଡ଼ିକୁ ଖୋଲାଖୋଲି ଭାବେ ଆଲୋଚନା କରି ସେ ଛାତ୍ରୀମାନଙ୍କୁ ଏହାର ମୁକାବିଲା କରିବାର ଉପାୟ ଶିଖାଇଥିବେ ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରୀ ଓ ଆନୁଷାନିକ ସହାୟତା ନେବାକୁ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ମୁଖ୍ୟ ଅତିଥି ଶ୍ରୀମତୀ ହୁଇଜା ଏବଂ ମୁଖ୍ୟ ବକ୍ତା ଡା. ଗାଉଡଙ୍କୁ ଉପଢ଼ୌକନ (ଖଣ୍ଡା) ଏବଂ ଫୁଲ ତାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଲୋଚନା ଚକ୍ରରେ ପ୍ରଦାନ କରାଯାଇଥିବା ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ (ପ୍ରଶ୍ନୋତର) ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ସ୍ୱାସ୍ଥ୍ୟ, ସାମାଜିକ ସମସ୍ୟା ଏବଂ ସାଧାରଣ ଜ୍ଞାନ ଉପରେ ସୋମାରଙ୍କର ସଚେତନତା ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ ଏହା ସୁରୁଖୁରୁରେ ସମାପ୍ତ ହୋଇଥିଲା ।

ନବରଙ୍ଗପୁରରେ ଜନଗଣନା-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଜନସଂଖ୍ୟା ଗଣନା ନିମନ୍ତେ ଜିଲ୍ଲା ଓ ଚାର୍ଜସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ



ନବରଙ୍ଗପୁର, ୧୯/୧୧ (ଆ.ପ୍ର) : ଆସାମୀ ଜନଗଣନା-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ଜନସଂଖ୍ୟା ଗଣନା କାମିଁକୁ ସୁଗମ, ନିର୍ଭୁଲ ଓ ସଫଳତାର ସହ ସମାପନ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁରରେ ଜିଲ୍ଲା ଓ ଚାର୍ଜସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମିଶନଶକ୍ତି ସରାସ୍ତୁହ ଠାରେ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ବିଶ୍ୱଜିତ ଦର୍ମାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକ୍ଟର ନିବେଦିତା ଶତପଥୀ, ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜୟକୃଷ୍ଣ ଲୋର ଏବଂ ଜିଲ୍ଲା ଜନଗଣନା ବାର୍ଯ୍ୟରେ ଥିବା କଲ୍ଲୁରୀ ଗୁଣବର୍ଦ୍ଧନ ଯୋଗଦେଇଥିଲେ । ସୋମେନ ଜନଗଣନାର ବିଭିନ୍ନ ବୈଷୟିକ, ପରିଚାଳନାଗତ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ଦିଗ ଉପରେ ଆଲୋକପାତ କରିବା ସହ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ତହସିଲଦାର ତଥା ଚାର୍ଜ ଅଧିକାରୀ, ଅତିରିକ୍ତ ତହସିଲଦାର, ସହାୟକ ଏବଂ ବୈଷୟିକ ସହାୟକମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ବିଭିନ୍ନ ପରିଚାଳନାଗତ ଓ ବୈଷୟିକ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ବୁଥ ତାଲିକାକରଣ ପ୍ରକ୍ରିୟା ଅଧାରରେ ଜନଗଣନା ବୁଥ୍ ଗଠନ, ବୁଥ୍‌ଗୁଡ଼ିକର ସଠିକ୍ ସୀମା ନିର୍ଦ୍ଧାରଣ ଏବଂ ତଥ୍ୟ ସଂଗ୍ରହ ପାଇଁ ସୁଦ୍ଧାବସ୍ଥିତ ଜାତିସହି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ଡିଜିଟାଲ୍ ପଦ୍ଧତିରେ ସମ୍ପାଦନ କରାଯିବ । ଏଥିପାଇଁ ନିଯୁକ୍ତ ଗଣନାକାରୀମାନେ ନିଜ ସ୍ମାର୍ଟଫୋନ୍‌ରେ ଥିବା ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ପ୍ରତ୍ୟେକ ପରିବାରଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ଜନସଂଖ୍ୟା ଗଣନା ମୋବାଇଲ୍ ଆପ୍‌ର ବ୍ୟବହାର, ଏହାର ବିଭିନ୍ନ ବୈଷିଷ୍ଟ୍ୟ ଏବଂ ତଥ୍ୟ ଅପଲୋଡ୍ କରିବାର ପ୍ରକ୍ରିୟା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା । ଏଥିସହ ଆସୁ ବ୍ୟବହାରିକ ଜ୍ଞାନ ଓ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରାୟୋଗିକ ତଥା ହାତକଲା ଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥିଲା । ଜନଗଣନା କାର୍ଯ୍ୟରେ ତଥ୍ୟର ସଠିକତା ଓ ନିର୍ଭରଯୋଗ୍ୟତା ବଜାୟ ରଖିବା, ଡିଜିଟାଲ୍ ଉପକରଣର ସଠିକ୍ ବ୍ୟବହାର, ନିର୍ଦ୍ଧାରିତ ନିୟମାବଳୀର ଅନୁପାଳନ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୦୨୬ ଜାନୁଆରୀ ୧୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ । ଏହା ପରେ ୨୦୨୬ ଜାନୁଆରୀ ୨୫ ତାରିଖରୁ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଜନସଂଖ୍ୟା ଗଣନା କରାଯିବ । ଜନଗଣନା-୨୦୨୬ ଉଚ୍ଚି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମକୁ ନିର୍ଭୁଲ, ସ୍ପଷ୍ଟ ଓ ସଫଳତାର ସହ ସମାପନ କରିବା ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ଆନୁଷ୍ଠା ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଏବଂ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ ଉପରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା ।

ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ନାଲଙ୍କ ବାତ୍ୟା ଆଶ୍ରୟସ୍ଥଳୀ ଓ ନୂଆଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ



ପାରଳାଖେମୁଣ୍ଡି, ୧୯/୧୧ (ଆ.ପ୍ର) : ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ନାଲ ରାୟଗଡ଼ ବ୍ଲକ ଅନ୍ତର୍ଗତ ମା' ଗୃହ ଓ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସେଠାରେ ଆଶ୍ରୟ ନେଇଥିବା ସ୍ଥାନାନ୍ତରିତ ଗର୍ଭବତୀ ମହିଳା ଓ ଅନ୍ୟାନ୍ୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା, ସୁରକ୍ଷା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ପରିଦର୍ଶନ ସମୟରେ ପିଏ, ଆଇଟିଡିଏ, ବିଡିଓ, ରାୟଗଡ଼, ତିପିଏମ୍, ସିଡିପିଓଙ୍କ ସମେତ ବ୍ଲକର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଗଜପତି ଜିଲ୍ଲାର ନୂଆଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଆଶ୍ରୟସ୍ଥଳୀରେ ରହୁଥିବା ସ୍ଥାନାନ୍ତରିତ ଲୋକ ସହ ଆଲୋଚନା କରି ସେମାନଙ୍କ ସୁବିଧା, ସୁରକ୍ଷା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି ।

କାର୍ତିକ ବୁଢ଼ ଅବସରରେ ନଦୀ ଓ ଜଳାଶୟରେ ସ୍ନାନ ଉପରେ କଟକଣା

ଗୁଣପୁର, ୧୯/୧୧ (ଆ.ପ୍ର) : ଉତ୍ତୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅଲ୍ଲାଲ୍' ପ୍ରଭାବରେ ଆଗାମୀ କିଛି ଦିନ ଧରି ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଓ ପବ୍‌ପବ୍ରି ସହ ବର୍ଷା ହେବାର ଆଶଙ୍କା ରହିଛି । ଅନ୍ୟପକ୍ଷରେ ପରିତ୍ର କାତିକ ମାସର କାତିକ ବୁଢ଼ ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗୋର ସମାରରେ ଚଂଖାଧାରା ନଦୀ ଓ ଏହାର ଶାଖା ନଦୀ ସମେତ ବିଭିନ୍ନ ଜଳାଶୟରେ ସ୍ନାନ କରିବାକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଗୁଣପୁର ଉପଜିଲ୍ଲାପାଳ ବୁଧାର ଅଭିଷେକ ବିଜାପ ୧୮ ନଭେମ୍ବର ୨୦୨୬ ତାରିଖରେ ଏକ ଜରୁରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଏବଂ ପ୍ରବଳ ଜଳସ୍ରୋତ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଗୁଣପୁର ଉପଖଣ୍ଡ ଅନ୍ତର୍ଗତ ଚଂଖାଧାରା ନଦୀ ଓ ଏହାର ଶାଖା ନଦୀଗୁଡ଼ିକର ବିପଦପୂର୍ଣ୍ଣ ତଥା ନିମ୍ନାଂଚଳରେ ଥିବା ସ୍ନାନଘାଟଗୁଡ଼ିକରେ ୧୯ ନଭେମ୍ବରରୁ ୨୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ସ୍ନାନ କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବିଶେଷକରି ଭୋର ସମୟରେ ଏହି କଟକଣାକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି । ଏଥିସହ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପୁଲିସ ପ୍ରଶାସନକୁ ପିପଦପୂର୍ଣ୍ଣ ସ୍ନାନଘାଟଗୁଡ଼ିକରେ ବାଡ଼ବରୀ କରିବା, ଜନସାଧାରଣଙ୍କୁ ଅଟୁଆ ସଚେତନ କରିବା ଓ ଆବଶ୍ୟକ ସ୍ଥଳେ ଡଙ୍ଗା ମୁତୟନ୍ତ କରିବାକୁ ନିର୍ଦ୍ଦେଶ ରହିଛି । ପ୍ରଶାସନର ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ ବିପଦପୂର୍ଣ୍ଣ ନଦୀଘାଟ ଓ ଜଳାଶୟରେ ସ୍ନାନ ନକରିବା ସହ ନିଜର ସୁରକ୍ଷା ପ୍ରତି ସଚେତନ ରହିବାକୁ ଉପଜିଲ୍ଲାପାଳ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି । ନିର୍ଦ୍ଦେଶନାମା ଉଲ୍ଲଙ୍ଘନକୁ ଗୁରୁତର ସହ ନିଆଯିବ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି ।

ଆଁଳା ନବମୀରେ ରାଧାପାଦ ଦର୍ଶନ ନେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ



ଖଣ୍ଡପଡ଼ା, ୧୯/୧୧ (ଆ.ପ୍ର) : କାର୍ତିକ ମାସର ପବିତ୍ର ଆଁଳା ନବମୀ ତିଥିରେ ରାଧାପାଦ ଦର୍ଶନ ନିମନ୍ତେ ଖଣ୍ଡପଡ଼ା ସହରସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶହସହ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ବିଶ୍ୱରଙ୍କ ସଂଶ୍ରୟାଧୂପ ସମୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ଶ୍ରୀ ଗୋପୀନାଥଜୀଉଙ୍କ ମନ୍ଦିରରେ ଭୋରୁଆରି ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଭକ୍ତ ମାନେ ରାଧାପାଦ ଦର୍ଶନ କରି ବିଭୁରୂପା ଲାଭ କରିଥିଲେ । ସେହିପରି ଖଣ୍ଡପଡ଼ା ସହର ନିକଟସ୍ଥ ପ୍ରାକୃତିକ ପରିବେଶରେ ଅବସ୍ଥିତ ଡଡ ଟାସରା ଠାରେ ଆଁଳା ନବମୀ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ଅବସ୍ଥିତ ମଠ ଓ ମନ୍ଦିରରେ ଆଁଳା ନବମୀ ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡିଛି ।

ପ୍ରଶାସନ ତରଫରୁ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ୧୭୧୩ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର



ଜି.ଉଦୟଗିରି, ୧୯/୧୧ (ଆ.ପ୍ର) : ବାତ୍ୟା ଅକ୍ୟାନର ପ୍ରଭାବ ଲକ୍ଷ୍ୟମାଳ ଜିଲ୍ଲା ପାଇଁ ରାଜ୍ୟ ପାଣିପାଗ ବିଭାଗ ରେଡ ଓ୍ୱାର୍ଣ୍ଣିଙ୍ଗ ଜାରି କରିଥିବା ବେଳେ ୧୯ ତାରିଖ ଠାରୁ ଜି.ଉଦୟଗିରିରେ ବାତ୍ୟାର ପ୍ରଭାବ ଦେଖିବାକୁ ମିଳିଛି । ୧୯ ତାରିଖ ସକାଳ ଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଦିନ ତମାମ ଅଝରଝର ବର୍ଷା ଲାଗିରହିଥିଲା ଏଂଚ୍ଚ ୬ ଘଂଟିକା ଠାରୁ ପ୍ରବଳ ବର୍ଷା ହେଉଛି । ବିଗତ ବାତ୍ୟା ଓ ଜଳାଶ ବର୍ଷାର ପରିଣାମ ଅନୁସାରେ ଜଳମାଳ ଜିଲ୍ଲାର ଜି.ଉଦୟଗିରି ଅଂଚଳ ରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି ତତ ସହିତ ଭୂସ୍ଖଳନ ଏବଂ ଅନ୍ୟ କ୍ଷୟକ୍ଷତି ହୋଇଛି । ବାତ୍ୟା ଅକଳାଳ ପ୍ରଭାବରେ ବର୍ଷା ସ୍ରିତି ଦେଖି ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ରୌରଡ ଏବଂ ଏଡିଡିଓ ସତ୍ୟନାରାୟଣ ମିଶ୍ରଙ୍କ ପ୍ରତାକ୍ଷ ତତ୍ତ୍ୱାବଧାନରେ ଏନଏସ୍‌ଡି ଏବଂ ବ୍ଲକ ଅନ୍ତର୍ଗତ ଗ୍ରାମାଂଚଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଲୋକଙ୍କୁ ଉଦ୍ଧାର କରାଯାଇ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଏନଏସ୍‌ଡି ରେ ଗୋଟିଏ ଆଶ୍ରୟସ୍ଥଳ ଏବଂ ୮ ପଂଚାୟତରେ ୨୦ ଟି ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି । ଗୁରୁବାର ସଂନ୍ଧ୍ୟା ସୁଦ୍ଧା ଏନଏସ୍‌ଡି ଅଂଚଳର ମହିଳା ୨୫,ପୁରୁଷ ୧୪, ଶିଶୁ ୬ ଜଣ ସମୁଦାୟ ୪୫ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି । ସେହିପରି ସ୍ଥାନୀୟ ବ୍ଲକ ଅନ୍ତର୍ଗତ ୮ ଟି ପଂଚାୟତର ୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇଥିବା ବେଳେ ୬୫୨ ଜଣ ପୁରୁଷ, ୬୫୯ ଜଣ ମହିଳା ଓ ୩୫୭ ଜଣ ଶିଶୁଙ୍କୁ ଗ୍ରାମ ନିଜସ୍ଥ ଆଶ୍ରୟସ୍ଥଳରେ ସୁରକ୍ଷିତ ରଖାଯାଇଛି । ନିର୍ବାହୀ ଅଧିକାରୀ ଏବଂ ଏଡିଡିଓଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟର କର୍ମଚାରୀ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ନିଜନିଜ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡ ଦେବବ୍ରତ ବାରିକ ସମସ୍ତ ଆଶ୍ରୟସ୍ଥଳ ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଦେଖିବାକୁ ମିଳିଥିଲେ । ଆଶ୍ରୟସ୍ଥଳରେ ଥିବା ସମସ୍ତ ଆଶ୍ରିତଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା କରାଯାଇଛି । ବାତ୍ୟା ପ୍ରଭାବ ଓ ବର୍ଷା ଜାତିବା ପରେ ପରିସ୍ଥିତି ଦେଖି ସେମାନଙ୍କୁ ଘର ଯିବ ବୋଲି ସୂଚନା ମିଳିଛି ।

ଦୁଇ ଗୋଡ ହରାଇଥିବା ଭିନ୍ନକ୍ଷମ ଶ୍ରୀକାନ୍ତଙ୍କ ସରକାରୀ ସହାୟତା ପାଇଁ ଗୁହାରି



ଜିନପାଇ, ୧୯/୧୧ (ଆ.ପ୍ର) : ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରାଗଡ଼ି ଗ୍ରାମର ବୁଢ଼ା ଗୋଡ ହରାଇଥିବା ଦାରୁଣ ଶ୍ରମିକ ଶ୍ରୀକାନ୍ତ ହଂସ ସରକାରୀ ସହାୟତା ପାଇଁ ସୋମବାର



ଆରମ୍ଭ

SEITHO ARAMBHA



ଶୁକ୍ରବାର, ୨୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବାତ୍ୟା 'ଅକ୍ୱାନ' ଭୟ: ପୁଣି ସିଲ୍ ହେଲା ଗାଜଲବାଡ଼ି ଘାଟି, ଉଭୟ ପଟୁ ଯାତାୟାତ ବନ୍ଦ



ଦାଣ୍ଡିଗୁଡ଼ା, ୧୯/୧୧ (ଆ.ପ୍ର) : ପ୍ରକୃତିର ତାଣ୍ଡରରୁ ଏଯାଏଁ ସମ୍ପୂର୍ଣ୍ଣ ମୁକୁଳି ନଥିବା ଲକ୍ଷ୍ମାଳ ଜିଲ୍ଲାରୁ ପୁଣି ଗାଡିଛି ସମ୍ଭାବ୍ୟ ବାତ୍ୟା 'ଅକ୍ୱାନ'ର ଭୟ । ବାତ୍ୟାର ସମ୍ଭାବ୍ୟ ପ୍ରଭାବ ଓ ଘାଟି ଅଂଚଳରେ ଜନସାଧାରଣଙ୍କୁ ସୁରୁଖୁରୁ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ଆଗୁଆ ସତର୍କତାମୂଳକ ପଦକ୍ଷେପ । ଲକ୍ଷ୍ମାଳ ଓ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା ଦାଣ୍ଡିଘାଟାଡ଼ି ସାମୀପ୍ୟ ଗାଜଲବାଡ଼ି ଘାଟି ଦାୟରୁ ପୁଣି ଉଭୟ ପଟୁ ସିଲ୍ କରି ଦିଆଯାଇଛି । ଫଳରେ ଦାଣ୍ଡିଘାଟାଡ଼ିଠାରେ ଦୁଇପୁରର ଓ ଗଞ୍ଜାମଗରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି । ଲକ୍ଷ୍ମାଳ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଘାଟି ରାସ୍ତାରେ ସମସ୍ତ ପ୍ରକାର ଯାନବାହନ ଚଳାଚଳକୁ ଅଟକାଯାଇଛି । ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଘାଟି ଅଂଚଳରେ ପ୍ରବଳ ବର୍ଷା ଓ ପବନ ହେଲେ ଭୂସ୍ଖଳନ, ପାହାଡ଼ରୁ ପଥର ଓ ମାଟି ଧସିବା ସହ ରାସ୍ତାରେ ପେରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ବିଶେଷକରି ପାଙ୍କାଡ଼ିଆ ଓ ଦୁର୍ଭଦ ଭୂମି ଦେଇ ଯାଇଥିବା ଏହି ଘାଟି ରାସ୍ତାରେ ଯାତାୟାତ କରିବା ଯାତ୍ରୀ ଓ ଅନ୍ୟ ରାସ୍ତା ବ୍ୟବହାରକାରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ତେଣୁ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ଦୃଷ୍ଟି ରଖି ଏହି ରାସ୍ତାରେ ଯାତାୟାତ ଏକ୍ଷାତ୍ତତା ଲକ୍ଷ୍ୟରେ ଏହି ଜଟକଣା ଲାଗୁ କରାଯାଇଛି । ପରବର୍ତ୍ତୀ ସରକାରୀ ନିର୍ଦ୍ଦେଶ ନ ଅସିଲା ପର୍ଯ୍ୟନ୍ତ ଘାଟି ରାସ୍ତାରେ ଯାତାୟାତ ଚଳାଚଳ ବନ୍ଦ ରହିବ । ତେବେ ଘାଟି ରାସ୍ତା ବନ୍ଦ ହେବା ଫଳରେ ଜେବନ ଯାତ୍ରୀ ପରିବହନ ନୁହେଁ, ଦୈନନ୍ଦିନ ଜୀବନଯାପନ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି । ଗଞ୍ଜାମ ଜିଲ୍ଲାରୁ ଲକ୍ଷ୍ମାଳକୁ ନିୟମିତ ଆସୁଥିବା ଶାସନ ସାମଗ୍ରୀ, ପନିପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ପରିବହନ ଏହି ରାସ୍ତା ଉପରେ ଅନେକାଂଶରେ ନିର୍ଭର କରିଥାଏ । ରାସ୍ତା ବନ୍ଦ ରହିଲେ ଏହାର ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେବା ସହ ବ୍ୟବସାୟୀ ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଏଥିକୁ ନେଇ ସ୍ଥାନୀୟ ଅଂଚଳରେ ବିଭା ଦେଖିବା ପ୍ରତିକ୍ରିୟା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ବାତ୍ୟା 'ଅର୍ଣ୍ଣବ' ସମୟରେ ଗତ ୨୯ ତାରିଖରେ ଏହି ଗାଜଲବାଡ଼ିଘାଟି ରାସ୍ତାରେ ବଡ଼ଧରଣର ଭୂସ୍ଖଳନ ହୋଇଥିଲା । ଏଥିସହ ଗାଜଲବାଡ଼ିକୁ ସଂଯୋଗ କରୁଥିବା ଅଡ଼ଙ୍ଗା ନଦୀ ନିଜସ୍ତରେ ପ୍ରାୟ ୩୬୦ ମିଟର ରାସ୍ତା ଓ ପୋଲ ବର୍ତ୍ତାଳଜଳ ପ୍ରବଳ ସ୍ରୋତରେ ଧୋଇ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଅସ୍ଥାୟୀ ମରାମତି କରାଯାଇ ଚଳିତ ମାସ ୬ ତାରିଖଠାରୁ ଛେଚଡ଼ ହାଲୁକା ଯାନବାହନ ଚଳାଚଳକୁ ଅନୁମତି ଦିଆଯାଇଥିଲା । ଯାତ୍ରୀବାହୀ ବସ୍ ଓ ଭାରୀଯାନ ଚଳାଚଳ ଉପରେ ଜିଲ୍ଲା ପୂର୍ବରୁ କଟକଣା ଜାରି ରହିଥିଲା । ଏବେ ପୁଣି ଏକ ସମ୍ଭାବ୍ୟ ବାତ୍ୟାର ଆଶଙ୍କା ଦେଖାଦେବା ପରେ ପ୍ରଶାସନ ପକ୍ଷରୁ ଘାଟି ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଘଟଣା ଏହି ଅଂଚଳରେ ଯାତାୟାତ ଓ ଯୋଗାଣ ବ୍ୟବସ୍ଥାକୁ ପୁଣି ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି । ତଥାପି ପ୍ରଶାସନର ଏହି ପଦକ୍ଷେପ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଯାତ୍ରୀ, ଗାଡ଼ିଚାଳକ ଓ ସାଧାରଣ ଲୋକେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା ନକରି ସ୍ଥିୟୀର ସହ ପରିସ୍ଥିତିର ମୁକାବିଲା କରିବା ସହ ନିଜ ସୁରକ୍ଷା ଏବଂ ଅମନ୍ତ୍ରାଳଙ୍କ ସୁରକ୍ଷା ପ୍ରତି ସଚେତନ ରହିବାକୁ ଅନୁରୋଧ କରାଯାଇଛି ।

ରାୟଗଡ ପୌରପରିଷଦରେ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ ଶୁଭାରମ୍ଭ; ୩୮ ନୂତନ ହିତାଧିକାରୀଙ୍କୁ ମଞ୍ଜୁରୀ ପତ୍ର ବଂଟନ



ରାୟଗଡ, ୧୯/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଜିନ୍ସକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାୟଗଡ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ରାୟଗଡ ପୌରପରିଷଦ ସଭାୟ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣୀ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରରେ ଏହି ଜନକଲ୍ୟାଣକାରୀ ଡିଜିଟାଲ୍ ପୋର୍ଟାଲର ଶୁଭାରମ୍ଭ ଅବସରରେ, ସାମାଜିକ ସୁରକ୍ଷା ଭତା ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ରୁଟ କରିବା ଲକ୍ଷ୍ୟରେ ରାୟଗଡ ପୌରପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜିତ ଘୋଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡ ପୌରପରିଷଦ ଅଧ୍ୟକ୍ଷ ପ୍ରତିନିଧି ପି. ମହେଶ ପଟ୍ଟନାୟକ, ପୌରପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ପାତ୍ରୀ, ଉପଜିଲ୍ଲାପାଳ ରାୟଗଡ ତଥା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମୃଣାଳିନୀ ରାଉତରାୟ ଏବଂ ପୌରପରିଷଦର ପାରିଷଦବୃନ୍ଦ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଜିଲାଦେଇ ଗୋରୁଡ଼ା ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଜାନ୍ତ କୁମାର ପାଣିଗ୍ରାହୀ ମଂଚାସୀନ ଥିଲେ । ଅତିଥିମାନେ ଉପସ୍ଥିତ ହିତାଧିକାରୀ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ନୂତନ ତତଗତ ପୋର୍ଟାଲ ମାଧ୍ୟମରେ ମଧ୍ୟସ୍ୱତ୍ୱ ପେନସନ୍ ଯୋଜନା ଏବଂ ଭାତୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଥିବା ସମସ୍ତ ଭତା ସେବା ଗୋଟିଏ ଡିଜିଟାଲ୍ ପ୍ଲାଟଫର୍ମରେ ଉପଲବ୍ଧ ହେବ । ଏଥିଦ୍ୱାରା ଯୋଗ୍ୟ ବୃଦ୍ଧବୃଦ୍ଧା, ବିଧବା ଓ ଜିନ୍ସକ୍ଷମ ହିତାଧିକାରୀମାନେ ଅନଲାଇନ୍ ଆବେଦନ, ଆଧାରଭିତ୍ତିକ ଇ-କଣ୍ଡଗ ଯାଂଚ ଏବଂ ନିଜ ପେନସନ୍‌ର ସ୍ଥିତି ସମ୍ପର୍କରେ ସହଜରେ ଜାଣିପାରିବେ । ଏହି ବ୍ୟବସ୍ଥା ଭତା ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁବିଧାଜନକ ଓ ତ୍ରୁଟାନ୍ୱିତ କରିବା ସହ ହିତାଧିକାରୀଙ୍କ ଅପେକ୍ଷା ସମୟ ହ୍ରାସ କରିବ । ଏହି ଅବସରରେ ନୂତନ ଭତା ଖାତା ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ଭତା ବଂଟନ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଇଥିଲା । କାର୍ଯ୍ୟକ୍ରମରେ ନୂତନ ଭାବେ ଅନ୍ତର୍ଭୁକ୍ତ ୩୮ ଜଣ ହିତାଧିକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଭତା ମଞ୍ଜୁରୀ ପତ୍ର ବଂଟନ କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ ଟଚଗତ ପୋର୍ଟାଲର ବ୍ୟବହାର ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରିବା ସହ ପୌରପରିଷଦ କାର୍ଯ୍ୟାଳୟ ଓ ଜନସେବା କେନ୍ଦ୍ର ମାଧ୍ୟମରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଶ୍ରୀ ମିଳନ ସାଣ୍ଡାଲ ନାୟକ ମଂଚ କାର୍ଯ୍ୟକ୍ରମକୁ ସୂତାରୁରୂପେ ପରିଚାଳନା କରିଥିବାବେଳେ, ଟ୍ରେଜେଲ୍ଟ୍ୟ ନାଥ ବେରେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସଭା କାର୍ଯ୍ୟ ସମାପ୍ତ ହୋଇଥିଲା ।

କାର୍-ବାଇକ୍ ଧକ୍କା ଘଟଣା, ଚିକିତ୍ସାଧୀନ ବାଇକ୍ ଚାଳକଙ୍କ ମୃତ୍ୟୁ

ଦଶପଲ୍ଲା, ୧୯/୧୧ (ଆ.ପ୍ର) : ଦଶପଲ୍ଲା ଥାନା ଅନ୍ତର୍ଗତ ୫୨ ନମ୍ବର ଜାତୀୟ ରାଜପଥର ଡମାଳାଣ୍ଡି ଗ୍ରାମ ନିକଟରେ ଗତ ୯ ତାରିଖରେ ଘଟିଥିବା କାର୍-ବାଇକ୍ ମୁହାଁମୁହିଁ ଧକ୍କା ଘଟଣାରେ ଗୁରୁତର ଆହତ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛେ ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ସାତପାଟଣା ଗ୍ରାମର ସୁକାନ୍ତ ଦାସ (୪୯) । ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଡମାଳାଣ୍ଡି ଗ୍ରାମ ନିକଟରେ ଏକ କାର୍ ସହ ସୁକାନ୍ତଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଦଶପଲ୍ଲା ଷ୍ଟାଣ୍ଡାର୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଥିଲା । ଗୁରୁବାର ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଦଶପଲ୍ଲାସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା । ସୁକାନ୍ତଙ୍କ ମାତ୍ର ୧୨ ବର୍ଷର ପୁଅ ବାପାଙ୍କୁ ହରାଇ ମାନସିକ ଆଘାତ ପାଇଥିବା ବେଳେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ତାଙ୍କ ସାନଭାଇ ସୁତୁର ବାସ ମୁଖାଗ୍ନି ଦେଇଥିଲେ । ସୁକାନ୍ତଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳ ଜନସାଧାରଣ, ବୁଦ୍ଧିଜୀବୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଜଗତସିଂହପୁର, ୧୯/୧୧ (ଆ.ପ୍ର) : ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ଜନ୍ମମାଟି ପୁନଙ୍ଗ ଗ୍ରାମ ଠାରେ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଆଜି ପାଳିତ ହୋଇଯାଇଛି । ସ୍ୱର୍ଗତ ଦେ ଆଜିକୁ ୨ ବର୍ଷ ତଳେ ଚାଲିଯାଇଥିଲେ ମଧ୍ୟ ତାଙ୍କର ସ୍ମୃତି, ଇଜ ପାଇବା ଓ ଆଦର୍ଶ ଆଜି ବି ଜନମାନସରେ ତାଜା ଅଟଳ ରହି ଶ୍ରଦ୍ଧା ଜାଗି ସରାରେ ଉପସ୍ଥିତ ବଦ୍ଧିଜୀ ବିଶେଷ ମତପ୍ରକାଶ କରିଛନ୍ତି । ଏହି ଅବସରରେ ପୁନଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ମାନଙ୍କୁ ବିସ୍ଫୁଟ ଦଂଚନ କରାଯାଇଥିଲା । ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସୁଜିତ ଘୋଷ, ଭବାନୀଶଙ୍କର ଗୋସ୍ୱାମୀ, ପ୍ରଭାକର ଦାସ, ଶତଃ କୁମାର ପାତ୍ର, ଅନନ୍ତ କୁମାର ସାହୁ,ପିୟୁଷ ସିଂହ୍ୱା, ତାରିଣୀ ଭାଟୀ, ଶଙ୍କାର ଶେଖର ଦେ, ସତ୍ୟଜିତ ମହାନ୍ତି, ସୁମିତ ସାହୁ, ମଦନ ଭୋଇ, ତିନାଥ ଭୋଇ, ଶୁକଦେବ ସାହୁ ଏବଂ ନାଥାସ୍ତର ନର୍ସିଙ୍ଗ ର ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ସ୍ୱର୍ଗତ ଦେଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁନଙ୍ଗ ଜନ୍ମମାଟିର ସମସ୍ତ ଗ୍ରାମବାସୀ ଏକାଠି ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଅସ୍ତରଙ୍ଗରେ ବାତ୍ୟା 'ଅକଭାନ'ପ୍ରଭାବକୁ ନେଇ ଚିନ୍ତା ବଢୁଛି ତଳିଆ ଅଂଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ



ଅସ୍ତରଙ୍ଗ,୧୯/୧୧ (ଆ.ପ୍ର) : ବାତ୍ୟା 'ଅକରାନ'କୁ ନେଇ ଅସ୍ତରଙ୍ଗରେ ଚିନ୍ତା ବଢ଼ିଚାଲିଛି । କୂଳବାର ଦିନ ରାତିରୁ ତୁହାକୁ ତୁହା ବର୍ଷା ସାଙ୍ଗକୁ ଜୋରଦାର ପବନ ଜାରି ରହିବାରେ ଲୋକେ ପ୍ରମାଦ ଗଣୁଛନ୍ତି । ସମୁଦ୍ର ଅଞ୍ଚାନ୍ତ ରହିବା ସମେତ ଉଚ୍ଚ ଜୁଆର ମାଡିଆସିବା ଭୟ ରହୁଛି । ଯାହାକୁ ନେଇ ତଳ ସମୁଦ୍ରକୂଳିଆ ଲୋକେ ଭୟତିତ ଅବସ୍ଥାରେ ରହିଛନ୍ତି । ବର୍ଷା ଓ ପବନ ଯୋଗୁ ପାଚିଲା ଧାନ କ୍ଷେତରେ ପାଣି ଓ ଧାନ ଖୋଇପଡ଼ିବାରୁ ବିଭିନ୍ନ ସ୍ଥାନରେ ପାଣି ଜମିବାଲୁ ଚାଷୀ ମୁଣ୍ଡରେ ହାତ ଦେଇଛି । ଶୀତଦିନିଆ ପନିପରିବା ନଷ୍ଟ ହେବା ଆଶଙ୍କା ବଢୁଛି । ତଦ୍ୱ ଧରଣର ବର୍ଷା, ପବନ ଓ ସମୁଦ୍ର କୁଆର ମାଡିଆସିବା ଭୟ ବଢୁଥିବାରୁ ଅସ୍ତରଙ୍ଗରେ ସୂରକ୍ଷା ଚିନ୍ତା ବଢିଛି । କୂଳ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳକୁ ଗସ୍ତରତି ନଜର ରଖିବା ସମେତ ଲୋକଙ୍କୁ ସ୍ଥାନୀୟ ସ୍ଥାନାନ୍ତର ହୋଇସାରିଛନ୍ତି । ସେମାନଙ୍କ ପାଇଁ ପୂର୍ବରେ ଶୁଖୁଲା ଖାଦ୍ୟ ଓ ପରେ ରନ୍ଧା ଖାଦ୍ୟ ବ୍ୟବସ୍ଥା ହେବା ସୂଚନା ମିଳିଛି । ସବୁଠାରୁ ବଡ଼କଥା ହେଲା ପ୍ରତ୍ୟେକ ସାମୁହିକ ଝଡ଼ତାଡ଼ାୟା ବେଳେ ଅସ୍ତରଙ୍ଗ ଉପକୂଳରେ ପ୍ରଭାବ ପଡୁଛି । ବାତ୍ୟା ଓଡିଶା ଉପକୂଳ ଜିୟା ଆଞ୍ଚଳ ଯୋଗିଁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି । ମିଳିଥିବା ସୂଚନା ମୁତାବକ ଶିଶୁମ ପଂଚାୟତ କେତଟଙ୍ଗଙ୍ଗା ଆଶ୍ରୟ ସ୍ଥଳୀକୁ ୪୪୦ ଜଣ , ଡଙ୍ଗାଜର ୪୩୦ ଜଣ , ଛେନୁଥ ୫୫୦ ଜଣ, କୋଣଣୀ ପଂଚାୟତର ନତରା ଓ କରାକ ଆଶ୍ରୟ ସ୍ଥଳୀକୁ ୪୨୦ ଜଣ, ନଗର ପଂଚାୟତର କାଳିଆକଣ ୨୦୦, ରେତୁକୁସ୍ୱ ଆଶ୍ରୟ ସ୍ଥଳୀକୁ ୪୦୦ ଜଣ , ବାଲିପଞ୍ଚାଳ ୮୦୦ ଜଣ, ଆନସାହି ପଂଚାୟତର ପାହଡ଼ପୁରପୁରସ୍ଥ ୧୦୦୦ ଜଣ , ଅସନରୁ ୩୦୦ ଜଣ ସ୍ଥାନୀୟ ଆଶ୍ରୟ ସ୍ଥଳୀକୁ ଲୋକ ସ୍ଥାନାନ୍ତର ହୋଇସାରିଛନ୍ତି । ସେମାନଙ୍କ ପାଇଁ ପୂର୍ବରେ ଶୁଖୁଲା ଖାଦ୍ୟ ଓ ପରେ ରନ୍ଧା ଖାଦ୍ୟ ବ୍ୟବସ୍ଥା ହେବା ସୂଚନା ମିଳିଛି । ଏଥିସହ ଝଡ଼ତାଡ଼ାୟା ବେଳେ ଅସ୍ତରଙ୍ଗ ଉପକୂଳରେ ପ୍ରଭାବ ପଡୁଛି । ବାତ୍ୟା ଓଡିଶା ଉପକୂଳ ଜିୟା ଆଞ୍ଚଳ ଯୋଗିଁ ଲୋକଙ୍କୁ ସ୍ଥାନାନ୍ତର କରିବା ସ୍ଥାନୀୟ ଲୋକ ଆଶ୍ରୟ ନେବାକୁ ସୁରକ୍ଷିତ ମଣୁଥିବା ସୂଚନା ମିଳିଛି । ବିଭିନ୍ନ ସ୍ଥାନରେ ପାଣି ଓ ଆଲୋକର ଅସୁବିଧା ରହି ବିପଦ ବେଳେ ଏଗୁଡିକ ଆବଶ୍ୟକ ପଡି ସେପାଇଁ ଲୋକଙ୍କୁ ସ୍ଥାନାନ୍ତର କରିବା ସ୍ଥାନୀୟ ଲୋକେ କହିଛନ୍ତି ।

ବୀରାଙ୍ଗନା ରାଣୀ ଲକ୍ଷ୍ମୀବାଇଙ୍କ ଜୟନ୍ତୀ ଓ ନାରୀଶକ୍ତି ଦିବସ ପାଳିତ



ଗୁଣପୁର, ୧୯/୧୧ (ଆ.ପ୍ର) : ବୀରାଙ୍ଗନା ଝାନ୍ସୀର ରାଣୀ ଲକ୍ଷ୍ମୀବାଇଙ୍କ ଜୟନ୍ତୀ ତଥା ନାରୀଶକ୍ତି ଦିବସ ଅବସରରେ ଅଞ୍ଚଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଗୁଣପୁର ନଗର ଶାଖା ପକ୍ଷରୁ ଆୟୋଜିତ ମହିନା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ସୃଜନାତ୍ମକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ବୀରାଙ୍ଗନା ଲକ୍ଷ୍ମୀବାଇଙ୍କ ସାହସ, ବୀରତ୍ୱ ଓ ଦେଶପ୍ରେମକୁ ସ୍ମରଣ କରିଥିଲେ । ଏହି ଅବସରରେ ନାରୀ ସଶକ୍ତିକରଣ ବିଷୟକୁ ନେଇ ବକ୍ତୃତା ପ୍ରତିଯୋଗିତା ଏବଂ ରାଣୀ ଲକ୍ଷ୍ମୀବାଇଙ୍କ ଜୀବନୀ ଓ ବୀରତ୍ୱ ଉପରେ ଆଧାରିତ ଦେଶଭକ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଗୁଣପୁର ସହରର ବିଶିଷ୍ଟ ମହିଳା ସମାଜସେବୀ ଅମିକାରାଣୀ ମହାପାତ୍ର ଓ ମହାବିଦ୍ୟାଳୟର ଅଧ୍ୟାପିକା ସପ୍ତିଶା ସାହୁ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ସିୟାଙ୍କ ସମେତ ଅନ୍ୟ ଅଧ୍ୟାପକମାନେ ମଂଚାସୀନ ଥିଲେ । ଅଞ୍ଚଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଗଜପତି ବିଭାଗ ପ୍ରମୁଖ ଜମାଙ୍କଟର ଦାଶଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱତିମୟୀ ସେମାପତି ସଂଯୋଜନା କରିଥିଲେ । ଡି. ଯଶସ୍ୱନ୍ତ, ଜିତୁ ପାତ୍ର, ଅବିତ୍ୟ ନାରାୟଣ ପାତ୍ର, ନବନିର୍ବାଚିତ ଛାତ୍ରୀ ସଂଘ ସଭାପତି ଗୌତମୀ ଶବର ଓ ବୁନ୍ଦ ସଂଯୋଜକ ସାଗର ପାଣ୍ଡିଗ୍ରାହୀ ସହଯୋଗ କରିଥିଲେ । ଏଥିରେ ପୁରାତନ କାର୍ଯ୍ୟକର୍ତ୍ତା ଗାଜେଶ ପାତ୍ରୀ, ବି. ସତୀଶ କୁମାର ଓ ଅଧ୍ୟାପକ ଦୁର୍ଗା ଜର ଉପସ୍ଥିତ ଥିଲେ । ଶେଷରେ ପରିଷଦର ଗୁଣପୁର ନଗର ସଭାପତି ଲକ୍ଷ୍ମୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ କିଶୋରୀ ଶବର ପ୍ରଥମ, ପ୍ରତିମା ଶବର ଦ୍ୱିତୀୟ ଓ ଗୌତମୀ ଶବର ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ଦେଶଭକ୍ତି ପ୍ରତିଯୋଗିତାରେ ଅଞ୍ଜଳି ନାୟକ ପ୍ରଥମ, ରାଜେଶ୍ୱରୀ ଶବର ଦ୍ୱିତୀୟ ଏବଂ ଆସ୍ମିମି ଶବର ଓ ମହିମା ଶବର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଆୟୋଜନ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନାରୀ ସଶକ୍ତିକରଣ, ଆତ୍ମବିଶ୍ୱାସ, ଦେଶପ୍ରେମ ଓ ନେତୃତ୍ୱ ଗୁଣର ବିକାଶ ଜରିଆ ସହ ବୀରାଙ୍ଗନା ରାଣୀ ଲକ୍ଷ୍ମୀବାଇଙ୍କ ଆଦର୍ଶ ଓ ବୀରତ୍ୱର ଗାଥାକୁ ନୂତନ ପିଢ଼ି ନିକଟରେ ପହଂଚାଇବାର ଉଦ୍ୟମ କରାଯାଇଥିଲା ।

ଗଞ୍ଜେଇ ଗାଡି ଛାଡି ଗଞ୍ଜେଇ ମାଫିଆ ଚମ୍ପଟ, ୫୪ କେଜି ଗଞ୍ଜେଇ



ଗଣିଆ, ୧୯/୧୧ (ଆ.ପ୍ର) : ଗଣିଆ ପୋଲିସକୁ ମିଳିଛି ବଡ ସଫଳତା । ପୋଲି



ଆରମ୍ଭ

SEITHO ARAMBHA

ଶୁକ୍ରବାର, ୨୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ବାତ୍ୟା 'ଅକଭାନ' ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ପ୍ରେସ ବିଜ୍ଞପ୍ତି
ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ

ଜଗତସିଂହପୁର, ୧୯/୧୧ (ଆ.ପ୍ର) : ଆଜି ପୂର୍ବାହ୍ନରେ ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ପାଇଁ ଜିଲ୍ଲାପାଳ ଏକ ପ୍ରେସ ବିଜ୍ଞପ୍ତି ଦେଇଥିଲେ। ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆହୁତି ପ୍ରସ୍ତୁତି ଓ ପ୍ରତିକ୍ଷେପମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳ ଜିଲ୍ଲାର ବାତ୍ୟା ମୁକାବିଲା ପ୍ରସ୍ତୁତି, ଲୋକଙ୍କ ସ୍ଥାନାନ ଏବଂ ଜରୁରୀକାଳୀନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ସହ ଜିଲ୍ଲାବାସୀଙ୍କୁ ପ୍ରଶାସନ ସହ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ବାତ୍ୟାର ଗତିପଥ ଓ ତାତ୍ପର୍ଯ୍ୟ ପରିବର୍ତ୍ତନ ସମ୍ପର୍କରେ ପାଣିପାଗ ବିଭାଗ ପକ୍ଷରୁ ବାରମ୍ବାର ସୂଚନା ଦେଇଥାରୁ ଜଗତସିଂହପୁର ଜିଲ୍ଲାକୁ ଉଚ୍ଚ ସତର୍କତାର ପରିବର୍ତ୍ତନ କରାଯାଇଛି। ପରିସ୍ଥିତିର ଗାମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଶିଶୁମାନଙ୍କ ପାଇଁ ବେଡି ପୁଡ୍ ଓ ମହିଳାମାନଙ୍କ ପାଇଁ ସାନିଟାରୀ ନାପକିନ୍,



ଯୋଗାଇଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଖୋଟିଏ NDRF ଟିମ୍ ଓ ଖୋଟିଏ ODRAF ଟିମ୍ ମୁତୟନ କରାଯାଇଛି। ଏହାସହିତ ଜରୁରୀକାଳୀନ ୧୦ଟି ଟିମ୍ ଓ ଅଗ୍ନିଶମ ବିଭାଗର ୧୬ଟି ଟିମ୍ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ପାଣାବାପ, ତିର୍ତ୍ତୋଲ ଓ ଏରସମା ସମେତ ବିପଦପ୍ରବଣ ଅଂଚଳରେ ଉଦ୍ଧାରକାରୀ ଦଳକୁ ମୁତୟନ କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଗଛ କାଟି ରାସ୍ତା ଫଟା ଇରିବା, ଯାତାୟାତ ସ୍ୱାଭାବିକ କରିବା ଓ ଅନ୍ୟାନ୍ୟ ପୁନରୁଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା ରଖାଯାଇଛି। ଜିଲ୍ଲାର ତିନି ଜଣ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ବରିଷ୍ଠ ପୁଲିସ ଅଧିକାରୀ, ଦମକଲବାହୁନୀ, ବିଡିଓ ଓ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ରହିବେ। ଏହାସହିତ ୨୦୫ ଟି ମଲ୍ଟି ପର୍ପସ୍ ସାଇକ୍ଲୋନ୍ ସେଣ୍ଟର ଓ ୧୬୫ ଟି ରାହତ ଶିବିର ପ୍ରସ୍ତୁତ ରହିଛି। ପାଣାବାପ, ତିର୍ତ୍ତୋଲ ଓ ଏରସମା ସମେତ ବିପଦପ୍ରବଣ ଅଞ୍ଚଳର ୨୬୫ ଜଣ ଗର୍ଭବତୀ ମହିଳାଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ଚଉଦ ଲକ୍ଷ ପାଣି ବୋତଲର ବ୍ୟବସ୍ଥା ରହିଛି। ଏଥିସହିତ ଆବଶ୍ୟକ ସ୍ଥଳେ ମୋବାଇଲ୍ ଜଳ ଯୋଗାଣ ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଗୃହଜଳିତ ପଶୁମାନଙ୍କ ପାଇଁ ଆଶ୍ରୟ ସ୍ୱରକାଳକ ପଶୁରୁ ଘୋଗାଦାର ବ୍ୟବସ୍ଥା ଯୋଗାଣର ବ୍ୟବସ୍ଥା ହୋଇଥିବାବେଳେ ବଡ଼ରୁ ଘାସର ଆବଶ୍ୟକତା ପୂରଣ ପାଇଁ ସ୍ଥାନୀୟ ସ୍ତରରେ ଭୂୟ ଜଡି କରିଥିବେ। ଏହି ମହତ୍ କାର୍ଯ୍ୟକ୍ରମରେ ଗୋସେବକ ପରିଚାଳନ ସଦସ୍ୟ ଓ ବହୁ ଗୋସେବକ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ। ସମାଜରେ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଏହି ମହତ୍ କାର୍ଯ୍ୟରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଥିଲା। ତେବେ ଗୋଟିଏ ବିନ୍ଦୁ ରକ୍ତ ଯଦି କାହାରି ଜୀବନ ବଂଚାଇପାରେ, ତା'ଠାରୁ ବଡ଼ ପୁଣ୍ୟ କାର୍ଯ୍ୟ ଆଉ କ'ଣ ହୋଇପାରେ ! ଏଭଳି ମହତ୍ ପ୍ରୟାସ ସମାଜ ପାଇଁ ନିତିଦ ଭାବେ ଏକ ପ୍ରେରଣା।

ରକ୍ତଦାନ ମହତ୍ ଦାନ, ଗୋଟିଏ ବିନ୍ଦୁ ରକ୍ତ ବଂଚାଇପାରେ ଜୀବନ


ବାସୁଦେବପୁର, ୧୯/୧୧ (ଆ.ପ୍ର) : ଦର୍ଶକ ବନ୍ଧୁ, ରକ୍ତଦାନ ହେଉଛି ମାନବ ସେବାର ଏକ ମହାନ ଉଦାହରଣ। ଆପଣଙ୍କ ଦାନ କରିଥିବା ଗୋଟିଏ ବିନ୍ଦୁ ରକ୍ତ କାହାରି ମୁହଁରେ ଫେରାଇ ଦେଇପାରେ ହସ, ବଂଚାଇପାରେ ଏକ ଅମୂଲ୍ୟ ଜୀବନ। ଏହି ମହତ୍ ଉଦ୍ଦେଶ୍ୟ ନେଇ, ବାସୁଦେବ ପୁର ପୌରପାଳିକା ୧୩ ନମ୍ବର ୱାର୍ଡରେ ମୀରା ଡିଜାଇନ୍ ଗୋ ସେବା ଆଶ୍ରମଠାରେ ରକ୍ତଦାତାଙ୍କ ସେବକ ସଂଘ ଗୋସେବକ ପରିବାର ପକ୍ଷରୁ ଆୟୋଜିତ ହୋଇଛି ଏକ ବିଶାଳ ରକ୍ତଦାନ ଶିବିର। ସେବା ହିଁ ସଂକଳ୍ପ, ମାନବ ସେବା ହିଁ ମାଧବ ସେବା। ଏହି ମହତ୍ ବିଚାରଧାରାକୁ ଆଧାର କରି ରକ୍ତଦାତାଙ୍କ ସେବକ ସଂଘ ଓ ଗୋସେବକ ପରିବାର ପକ୍ଷରୁ ମୀରା ଡିଜାଇନ୍ ଗୋ ସେବା ଆଶ୍ରମଠାରେ ଏକ ବିଶାଳ ରକ୍ତଦାନ



ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରକ୍ତର ଅଭାବ ପୂରଣ କରିବା ସହ ଅସହାୟ ଓ ଗୁରୁତର ରୋଗୀଙ୍କୁ ନୂତନ ଜୀବନ ଦେବା। ରକ୍ତଦାନ ସେବକ ଏକ ଦାନ ନୁହେଁ, ବରଂ ଏହା ମାନବିକତା ଓ ଭାଇଚାରାର ଏକ ଶ୍ରେଷ୍ଠ ପରିଚୟ। ମୁଖ୍ୟ ଅତିଥି ଉମେଶ ଚନ୍ଦ୍ର ନାୟକ ଓ ଦାମୋଦର ନାୟକଙ୍କ ସମେତ ଅରବିନ୍ଦ ନାୟକ (ଓଡ଼ମ ମାଟୁ ଗାଇ) ଏବଂ ଗୋସେବକ ଦାମୋଦର କୁମାର ନାୟକ ଏହି ଶିବିରରେ ଯୋଗଦେଇ ରକ୍ତଦାତା ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମରେ ଗୋସେବକ ପରିଚାଳନ ସଦସ୍ୟ ଓ ବହୁ ଗୋସେବକ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ। ସମାଜରେ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଏହି ମହତ୍ କାର୍ଯ୍ୟରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଥିଲା। ତେବେ ଗୋଟିଏ ବିନ୍ଦୁ ରକ୍ତ ଯଦି କାହାରି ଜୀବନ ବଂଚାଇପାରେ, ତା'ଠାରୁ ବଡ଼ ପୁଣ୍ୟ କାର୍ଯ୍ୟ ଆଉ କ'ଣ ହୋଇପାରେ ! ଏଭଳି ମହତ୍ ପ୍ରୟାସ ସମାଜ ପାଇଁ ନିତିଦ ଭାବେ ଏକ ପ୍ରେରଣା।

ଶାରଳା ବିଦ୍ୟାମନ୍ଦିରର ୨୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ


ଗାଙ୍ଗୀଚୌଦ୍ୱାର, ୧୯/୧୧ (ଆ.ପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମଠସାହିପ୍ରିତ ମା' ଶାରଳା ବିଦ୍ୟାମନ୍ଦିରର ୨୮ତମ ପ୍ରତିଷ୍ଠା ମହାସମାରୋହରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଉପଲକ୍ଷରେ ଗାଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟାତ ସ୍ୱାଇଁ, ନିରାମାନନ୍ଦ ବିଦ୍ୟାନିକେତନର ବରିଷ୍ଠ ଟ୍ରଷ୍ଟୀ ଶିକ୍ଷକ ଅଦଦୁଲ ଜଲିମ, ଉପସରପାପତି ତଥା ସୁନାମଧନ୍ୟ ଡାକ୍ତର ପ୍ରକାଶ କୁମାର



ଏଥିସହ ପ୍ରଧାପ କୁମାର ସାହୁ ଓ ଦୀପକ ରଞ୍ଜନ ସ୍ୱାଇଁ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଶିକ୍ଷୟିତ୍ରୀ ପ୍ରତିମା ଦାସ, ମାମାଲି ବଦେଇ, ଶୁଭଶ୍ରୀ ସ୍ୱାଇଁ, ପ୍ରିୟଙ୍କା ଚାରିକ, ବିଭୁତି ଭୂଷଣ ସାହୁ ଏବଂ ସହାୟକ ଦୁର୍ଗା ପ୍ରସାଦ ସାହୁଙ୍କ ମିଳିତ ସହଯୋଗ ରହିଥିଲା। ଶିକ୍ଷା, ସଂସ୍କାର ଓ ସାଂସ୍କୃତିକ ମୂଲ୍ୟବୋଧକୁ ଆଧାର କରି ବର୍ଗ ୨୮ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନକୁ ଉପସ୍ଥିତ ଅତିଥି ଓ ଅଭିଭାବକ ମାନେ ପ୍ରଶଂସା କରିଥିଲେ।

ପୋଲିସକୁ ଦେଖି ବୋଲେରୋ ଛାଡ଼ି ଗଞ୍ଜେଇ ମାଫିଆ ଫେରାର

ଦଶପଲ୍ଲା/ଗଣିଆ, ୧୯/୧୧ (ଆ.ପ୍ର) : ଗଣିଆ ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସର ପାଟ୍ରୋଲିଂ ଚାଲିଥିବା ସମୟରେ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ବୋଲେରୋ ଗାଡ଼ିକୁ ରାସ୍ତାଜଡ଼ରେ ଛାଡ଼ି ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ଗାଡ଼ିରୁ ୫୪ କେଜି ୧୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, ଗୁପ୍ତଚର ଗଣିଆ ବଜାରରେ ସାପ୍ତାହିକ ହାଟ ଚାଲିଥିବାରୁ ପୋଲିସ ପକ୍ଷରୁ ଅଂଚଳରେ ପାଟ୍ରୋଲିଂକୁ ବଢ଼ାଚଢ଼ି କରାଯାଇଥିଲା। ଏହି ସମୟରେ ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାର ଫରେଷ୍ଟ ଅଫିସ ନିକଟରେ ଦଶପଲ୍ଲା ପଟୁ ଏକ ବୋଲେରୋ ଦ୍ରୁତଗତିରେ ଆସୁଥିବାବେଳେ



ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ଏହାର ଚାଳକ ଓ ଅନ୍ୟ ସହଯୋଗୀମାନେ ଭୟଭୀତ ହୋଇପଡ଼ିଥିଲେ। ଧରାପଡ଼ିବା ଆଶଙ୍କାରେ ସେମାନେ ବୋଲେରୋଟିକୁ ରାସ୍ତାକଡ଼ରେ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସର ସନ୍ଦେହ ହେତୁରୁ ଉକ୍ତ ଗାଡ଼ିକୁ ଯାଂଚ କରାଯାଇଥିଲା। ଯାଂଚ ସମୟରେ ଗାଡ଼ିର ପଛପଟୁ ତିନୋଟି ବସ୍ତାରେ ଭର୍ତ୍ତି ଗଞ୍ଜେଇ ଠାବ ହୋଇଥିଲା। ଖବର ପାଇ ଗଣିଆ ଆନା ଅଧିକାରୀ ଘଟଣାସ୍ଥଳରେ ପହଂଚିବା ସହ ନିୟମ ଅନୁଯାୟୀ ମାଜିଷ୍ଟ୍ରେଟ୍ ତଥା ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯିବା ପରେ ମୋଟ ୫୪ କେଜି ୧୧୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ଚୋରା ଚାଲାଣରେ ବ୍ୟବହୃତ ଓଡିଶ ୧୫ଜେ-୬୪୬୫ ନମ୍ବର ବିଶିଷ୍ଟ ବୋଲେରୋ ଗାଡ଼ିକୁ ମଧ୍ୟ ପୋଲିସ ଜବତ କରିଛି। ଗାଡ଼ିର ପଞ୍ଜୀକରଣ ନମ୍ବର ଓ ମାଲିକାନା ଅଧାରରେ ଫେରାର ଚାଲାଣକାରୀଙ୍କ ପରିଚୟ ଠାବ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ଗଣିଆ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

କଟକ ଐତିହାସିକ ବାଲିଯାତ୍ରା ସଚେତନତା ରଥକୁ ଖୋରଧା ଜିଲ୍ଲା ପ୍ରଶାସନର ସ୍ୱାଗତ

ଖୋରଧା, ୧୯/୧୧ (ଆ.ପ୍ର) : ଖୋରଧା ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୈତ୍ୟଶ୍ରୀ ଅରବିନ୍ଦ ଦାସ ଐତିହାସିକ କଟକ ବାଲିଯାତ୍ରା ସଚେତନତା ରଥକୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ସ୍ୱାଗତ ଜଣାଇବା ସହ ଖୋରଧା ଜିଲ୍ଲାର ପାରମ୍ପାରିକ କଳା, ସାହିତ୍ୟ ଓ ସଂସ୍କୃତି କଟକ ଐତିହାସିକ ବାଲିଯାତ୍ରାରେ ଯୋଗଦେବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ସବଡେପ୍ଟ ନିଆସିକ ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ୨୪ ନଭେମ୍ବରରୁ ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଥିବା ଐତିହାସିକ କଟକ ବାଲିଯାତ୍ରାର ପ୍ରଚାର ପ୍ରସାର ନିମନ୍ତେ ବାହାରିଥିବା ଉକ୍ତ ଖୋରଧାସ୍ଥ ନୟାଗଡ଼ ଜିଲ୍ଲା ଆଳିମୁଖ୍ୟ ଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଡ଼ାଃ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ।

'ଅକଭାନ' ମୁକାବିଲା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସମୀକ୍ଷା କରିଛନ୍ତି ସଦର ଥାନା ଅଧିକାରୀ

କୁକୁଡ଼ାଖଣ୍ଡି, ୧୯/୧୧ (ଆ.ପ୍ର) : ବାତ୍ୟା ଅକଭାନକୁ ଦୃଷ୍ଟିରେ ରଖି ବୁହୁତ୍ତର ସଦର ଥାନା ଅଞ୍ଚଳରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଥାନା ଅଧିକାରିଣୀ ଖୁଟିଡ଼ା ପରିଡ଼ା ଓ କର୍ମଚାରୀ। ସମସ୍ତ ଆଶ୍ରୟସ୍ଥଳୀରେ ଆବଶ୍ୟକୀୟ ବ୍ୟବସ୍ଥା ସହ ପ୍ରସ୍ତୁତି ସମ୍ପୂର୍ଣ୍ଣ ରହିଛି। ତେବେ ଅନେକ ସ୍ଥଳରେ ଏପର୍ଯ୍ୟନ୍ତ ଲୋକଙ୍କ ସ୍ଥାନାନ୍ତରଣ ହୋଇନାହିଁ। ଗୌତମୀ, କୁପାସିନ୍ଧୁପୁର ଓ କୁଜୁଡ଼ାଖଣ୍ଡି ସ୍ଥାମରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ଉପକୂଳ ଓ ତଡିଆ ଅଂଚଳର ଲୋକଙ୍କୁ ବିପଦ ବଢ଼ିବା ପୂର୍ବରୁ ନିଜସ୍ୱ ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ବୁହୁତ୍ତର ପୋଲିସ ପକ୍ଷରୁ ନିରନ୍ତର ଅନୁରୋଧ କରାଯାଇଛି। ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ପୋଲିସ ଟିମ୍ ମଧ୍ୟ ମତ୍ତବାନରେ ନିୟୋଜିତ ଅଛନ୍ତି। ତେବେ ଏହି ସମୟରେ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବା ସହ ସତର୍କ ଓ ସୁରକ୍ଷିତ ରହିବା ପାଇଁ ନିବେଦନ କରାଯାଇଛି।

ନେହେରୁ ସେବା ସଂଘ ଆବାସିକ ଅନୁଷ୍ଠାନରେ ଶିଶୁଙ୍କ ସୁରକ୍ଷା ନେଇ ଉଦ୍‌ବେଗ

ଉଦାନାପାଟଣା, ୧୯/୧୧ (ଆ.ପ୍ର) : ଉଦାନାପାଟଣା ସ୍ଥିତ ନେହେରୁ ସେବା ସଂଘ ପରିଚାଳିତ ଆବାସିକ ଅନୁଷ୍ଠାନରେ ଅନ୍ତେବାସୀ ଶିଶୁଙ୍କ ସୁରକ୍ଷା ଓ ଯତ୍ନକୁ ନେଇ ଗୁରୁତର ଉଦ୍‌ବେଗ ପ୍ରକାଶ କରିଛି ଜନାଧାରଣ। ଜିଲ୍ଲା ବିଜୁ ଯୁବ ଜନତା ଦଳ। ବିଜିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ଅଧ୍ୟାଉଡିରେ ଆବାସିକ ଅନୁଷ୍ଠାନ ଛାଡ଼ି ଂଂମ ଶ୍ରେଣୀର ନାବାଳକ ଛାତ୍ର ସୁଲିକେଶ ନାଏକ କେସିଆ ବାଲିଆସିବୁରା ଘଟଣା ସାମ୍ନାକୁ ଆସିଛି। ମାତ୍ର ଓ ନିର୍ଜିତନା ଭୟରେ ଆବାସିକ କେହି ଛାତ୍ରିଥିବା ନେଇ ସେ ନିଜେ ଜ୍ୟାମୋରା ଆଗରେ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ମଧ୍ୟ ୨୦୧୯ ମସିହାରେ ନେହେରୁ ସେବା ସଂଘ ଆବାସିକ ଗୃହରୁ ଦୁଇ ନାବାଳିକା ନିଖୋଜ ହେବା ଓ ସେମାନଙ୍କୁ ନିର୍ଯାତନା ଦେବା ଘଟଣା ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଆବାସିକ କେନ୍ଦ୍ରରେ କାର୍ଯ୍ୟରତ ନାବାଳକ ମାନଙ୍କୁ ସେଠାକାର କର୍ମଚାରୀ ମାନେ ମାତ ମାଡୁଛନ୍ତି ? ଏହା ଏକ ଗୁରୁତ୍ୱ ଅଂଚଳ ନୁହେଁ କି ବୋଲି ଜିଲ୍ଲା ଯୁବ ବିଜେଡି



ସଭାପତି ଅବିନାଶ ଠାକୁର ପ୍ରଶ୍ନ କରିଛନ୍ତି। ମାତ୍ର ଗୟରେ ରାତି ଅଧରେ ଆବାସିକ କେନ୍ଦ୍ରରୁ ଚାଲିଯିବା ଘଟଣା ଏକ ସମବେଦନଶୀଳ ଓ ଗମ୍ଭୀର ପ୍ରସଙ୍ଗ। ପ୍ରଶାସନିକ ଅପାରଗତା ଯୋଗୁଁ ଏହି ଭଳି ଘଟଣା ପରିବାରିକି ବୋଲି ଯୁବ ବିଜେଡି ଅଭିଯୋଗ କରିଛି ? ପିଲାକୁ ମାତ୍ ମାଡିବା ଅଥବା ଶାରୀରିକ ନିର୍ଯ୍ୟାତନା ଅଭିଯୋଗ ସାମ୍ନାକୁ ଆସିବା ଶିଶୁ ସୁରକ୍ଷା ବ୍ୟବସ୍ଥା ଓ ଅନୁଷ୍ଠାନର ପରିଚାଳନା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଶିଶୁମାନଙ୍କ ଖାଦ୍ୟ, ଯତ୍ନ, ସୁରକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ନେହେରୁ ସେବା ସଂଘ ପରିଚାଳନା କମିଟି ସହିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ମଧ୍ୟ ଦାୟିତ୍ୱ। ଏହିଭଳି ଘଟଣାକୁ ଜିଲ୍ଲାର ଶିଶୁ ମଙ୍ଗଳ କମିଟି ମଧ୍ୟ ନିଜସ୍ୱ ଭାବରେ ତଦନ୍ତ କରିବା ଆବଶ୍ୟକତା ରହିଛି। ଏପରିକି ଖବରକାଗଜ ରିପୋର୍ଟ ଆଧାରରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ନିଜ ଆଡୁ ମାମଲା ରୁଜୁ ସହ ପରିଦର୍ଶନ କରି ତଦନ୍ତ କରିପାରିବେ। ଏଣୁ ସମ୍ଭେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସ୍ତ୍ରୀଶୁ ଆହୁରି ସମସ୍ୟକୁ ଜଟିଳ କରୁଛି ବୋଲି ଯୁବ ବିଜେଡି ସଭାପତି ଶ୍ରୀ ଠାକୁର କହିଛନ୍ତି। ଜନାଧାଣି ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଜନାଧାଣି ଜିଲ୍ଲାପାଳ ସବିତ ପାଣ୍ଡାଙ୍କୁ ଲିଖିତ ଦାବି ଜଣାଯାଇଛି।

ଖାଦ୍ୟଗତ ଘଟଣାର ଏକ ନିରପେକ୍ଷ ତଦନ୍ତ ସହ ଅନୁଷ୍ଠାନରେ ଶିଶୁମାନଙ୍କୁ ମାତ୍ ମାଡିବା, ମାନସିକ ନିର୍ଯାତନା ଦେବା ଓ ଅନ୍ୟାନ୍ୟ ଅବହେଳା ସମ୍ପର୍କିତ ଅଭିଯୋଗର ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅନୁରୋଧ କରାଯାଇଛି। ଅବେଦାବୀ ଶିଶୁମାନଙ୍କ ସହିତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତିରେ ସ୍ୱାଧୀନ ଓ ଗୋପନୀୟ ଭାବେ ଆଲୋଚନା କରାଗଲେ ଘଟଣାର ସତ୍ୟାସତ୍ୟ ସାମନାକୁ ଆସିବ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

ମୋବାଇଲ ଚୋରି ତଦନ୍ତରୁ ଧରାପଡ଼ିଲେ ମନ୍ଦିର ଚୋର ଗ୍ୟାଙ୍ଗ

ପାରାଦୀପ, ୧୯/୧୧ (ଆ.ପ୍ର) : ପାରାଦୀପ ଲଢ଼ ଥାନା ପୋଲିସ ମୋବାଇଲ ଚୋରିର ତଦନ୍ତ କରୁ କରୁ ମନ୍ଦିର ହୁଣ୍ଡି ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ପାରାଦୀପ ଲଢ଼ ଥାନା ଅନ୍ତର୍ଗତ ରୟତପାଛିର ଶିଖିର ମହାନ୍ତି ଙ୍କ ମିଥୁନ ମହାନ୍ତି ଲଢ଼ ଥାନାରେ ଏକ ଲିଖିତ ଅଭିଯୋଗ ଜଣାଇଥିଲେ। ଜେତେକ ଅଜଣା ବ୍ୟକ୍ତି ତାଙ୍କ ମୋବାଇଲ ଚୋରି କରିଥିବା। ପାରାଦୀପ ଲଢ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବିଶ୍ୱସ୍ତ ସୂତ୍ରାନାର ସୂଚାକ ଉପରେ କାର୍ଯ୍ୟ କରି ଏବଂ ଜଗତସିଂପୁର ପୋଲିସ ଅଧିକ୍ଷକଙ୍କ ନିର୍ଦ୍ଦେଶ ପାଳନ କରି, ପାରାଦୀପ ଅତିରିକ୍ତ ଅଧକ୍ଷୀ ନିରଞ୍ଜନ ରବିନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ, ପାରାଦୀପ ଲଢ଼ ଥାନାର ଆଇଆଇସି ଇନ୍‌ଚେଜ୍‌ର ରଶ୍ମି ରଞ୍ଜନ ଦାଶ, ତାଙ୍କ ଦଳ ସହିତ ଏକ କ୍ରମାଗତ ତଦନ୍ତ କରିଥିଲେ। ପ୍ରମେନେ ଝିମାଣୀ ଗ୍ରାମର ପରକି ସେଠିକ ପୁଅ ଧନେଶ୍ୱର ସେଠି ଧରିବାରେ କରିବାରେ ସଫଳ ହୋଇଥିଲା ପୋଲିସ। ଧରାପଡ଼ିଥିବା ଧନେଶ୍ୱର ଠାରୁ ୧୧ଟ



ଶୈଥ୍ୟ ଆରମ୍ଭ
SEITHO ARAMBHA



ଶୁକ୍ରବାର, ୨୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ; ବୁମରାଙ୍କ ଘାତକ ବୋଲିଂ



ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ଏହା ପରୁ ଭଲ ଆରମ୍ଭ ହୋଇ ଭାରତ ପାଇଁ ଜିଣି ହୋଇ ପାରି ନଥାନ୍ତା । ଗୋଟିଏ ସବୁଜ ସଂରକ୍ଷିତ ପିଚ, ହାଲୁକା ପବନ ଓ ଯଶସ୍ୱୀପ୍ରୀତ ବୁମ୍ରାଙ୍କ ଘାତକ ସ୍ପେଲ ଭାରତ ପାଇଁ ବଡ଼ ସୁଯୋଗ ଆଣି ଦେଇଥିଲା । ଘରୋଇ ଟିମ ନ୍ୟୁଜିଲ୍ୟାଣ୍ଡ ୭୦ ଉନରେ ୫ଟି ୱିକେଟ ହରାଇ ସାରିଥିଲା । ଟସ୍ ଜିତି ପ୍ରଥମେ ବୋଲିଂ କରିବା ଭାରତ ପାଇଁ ଉଚ୍ଚ ଆଶିଥିଲା । କିନ୍ତୁ ପ୍ରାରମ୍ଭିକ ସଫଳତା ପରେ ସୁଯୋଗ ହାତ ଛଡ଼ା କରି ଦେଇଛି ଶୁବମନ ଗିଲଙ୍କ ଟିମ ଚଣ୍ଡିଆ । ହେନ୍ରୀ ନିକୋଲସ ଓ ଗ୍ଲେନ୍ ଫିଲିପ୍ସ ଭାରତକୁ ପ୍ରାରମ୍ଭିକ ବିପର୍ଯ୍ୟୟର ପାଉଦା ଉଠାଇବାକୁ ଦେଇ ନାହାନ୍ତି । ଦୁଇ ଜଣ ଯାକ ପ୍ରଥମ ଟେଷ୍ଟର ପ୍ରଥମ ଦିନର ଅଧିକାଂଶ ସମୟ ଖେଳିଛନ୍ତି । ୬୩ ଓ୍ୱିକେଟ ପାଇଁ ଆରୋଜିତ ୧୭୩ ଉନ ଯୋଡ଼ି ଉତ୍ତୟ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଛନ୍ତି । ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲ୍ୟାଣ୍ଡ ୫ ୱିକେଟରେ ୨୪୩ ରନ କରି ନେଇଛି । ନିକୋଲସ ଅପରାଜିତ ୧୧୩ ରନ କରିବା ସହ ନିଜର ୧୨ତମ ଟେଷ୍ଟ ଶତକର ଅର୍ଦ୍ଧ ନିକଟରେ ରହିଛନ୍ତି । ସେ ୯୪ ରନରେ ପହଞ୍ଚିବା ପରେ ଜାଡେଜାଙ୍କ ବଲ୍‌ରେ ଏକ ସହଜ କ୍ୟାଚ ଛାଡ଼ିଦେଇଥିଲେ ଅଧିନାୟକ ଶୁବମନ । ଏହାର ମାତ୍ର ୩ ବଲ ପରେ ଫିଲିପ୍ସ ମଧ୍ୟ ନିଜର ପ୍ରଥମ ଟେଷ୍ଟ ଶତକର ଅତି ନିକଟରେ ରହିଛନ୍ତି । ସେ ୯୪ ରନରେ ଥିବାବେଳେ ଅଙ୍କାଶ ଦୀପ ଜମାଇ କରି ଉଚିତ ରବାହୁଙ୍କୁ ପ୍ୟାଭିଲିୟନ ପଠାଇଥିଲେ । ଅରିଜ ଡାଭେଲ ମିଚେଲ ସୁଚ୍‌ଙ୍କୁ କାଢ଼ଂଟର କରିଛି । ଷ୍ଟେଡିଙ୍ଗଟନ ପିଚ୍‌ରେ ୧୫ଏମଏମର ଘାସ ଓ ପବନ ବହୁ ଥିବାରୁ ଗିଲ୍ ଟସ୍ ଜିତି ଦିନା କୌଣସି ସଙ୍କୋଚରେ ବୋଲିଂ ନିଷ୍ପତ୍ତି ନେଇଥିଲେ । ଆଉ ଯଶସ୍ୱୀପ୍ରୀତ ବୁମ୍ରାଙ୍କୁ ନିଜର ଶ୍ରାପ ଛାଡ଼ିଦାକୁ ମାତ୍ର ୩ଟି ବଲର ଆବଶ୍ୟକତା ଥିଲା । ବୁମ୍ରା ନିଜର ଘାତକ ବଲ ବଳରେ ନ୍ୟୁଜିଲ୍ୟାଣ୍ଡର କ୍ୟାପ୍ଟେନ ଟମ ଲାଥମଙ୍କ ଅଫ ଷ୍ଟମ୍ପ ହୁଡାଳି ଦେଇଥିଲେ । ଲାଥମଙ୍କୁ ଅନୁସରଣ କରିଥିଲେ ଅନ୍ୟତମ ଓପନର ଡେଭନ କନ୍‌ୱେ । ସେ ଅଂଶୁଲ କ୍ୟୋଚଙ୍କ ବଲରେ ୩ଟ୍ରେଟ କିପର ଗାଖର ପନ୍ତଙ୍କ ହାତରେ ଧରା ପଡ଼ିଥିଲେ । ବୁମ୍ରା ନିଜର ମୁରମେଂଟ ଓ ଡାଉନ୍ ବଳରେ ବ୍ୟାଟରଙ୍କୁ ଘାଇଲା କରୁଥିବା ବେଳେ ଆକାଶ ଦୀପ କମାଇ କରି ଉଚିତ ରବାହୁଙ୍କୁ ପ୍ୟାଭିଲିୟନ ପଠାଇଥିଲେ । ଅରିଜ ଡାଭେଲ ମିଚେଲ ସୁଚ୍‌ଙ୍କୁ କାଢ଼ଂଟର କରିବାକୁ ଷ୍ଟେପ ଆଜଟ କରୁଥିବାରୁ ବୁମ୍ରା ତୁରନ୍ତ ଯଶସ୍ୱୀ ଜୈସ୍ୱାଲଙ୍କୁ ଶର୍ଟଲେଗ ଅଂଚଳରେ ମୁତୟନ କରିଥିଲେ । ଏହା ମଧ୍ୟ କାମ ଦେଇଥିଲା । ମିଚେଲ(୧)କୁ ବୁମ୍ରା କ୍ୟାଚ ଆଉଟ କରାଇ ଦେଇଥିଲେ । ଟମ ବଲ୍ଣ୍ଡେଲ ମାତ୍ର ୫ ରନ କରି ବୁମ୍ରାଙ୍କ ତୃତୀୟ ଶିକାର ବନିବାରୁ ନ୍ୟୁଜିଲ୍ୟାଣ୍ଡ ବ୍ୟାକଫୁଟକୁ ଠେଲି ଯାଇଥିଲା । ଦଳ ୭୦ ରନରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସାମ୍ନା କରିଥିଲା । ହେଲେ ଏତିବି ବେଳେ ନିକୋଲସ ଓ ଫିଲିପ୍ସ ସ୍ଥିତି ସମ୍ଭାଳିଥିଲେ । ଭାରତ ବିପକ୍ଷରେ ନିକୋଲସଙ୍କ ରେକର୍ଡ ଆଡୌ ଭଲ ନଥିଲା । ସେ ୬ଟି ଟେଷ୍ଟରେ ଭାରତ ବିପକ୍ଷରେ କେବଳ ୧୩.୫୫ ହାରରେ ରନ କରିଥିଲେ । ତାଙ୍କ ସର୍ବାଧିକ ସ୍କୋର ମଧ୍ୟ ୪୪ ଥିଲା । ତେଣୁ ସେ ବେଶୀ ସମୟ ଟିକି ପାରିବେ ନାହିଁ ବୋଲି ଆଶା କରାଯାଉଥିଲା । ଏକଦା ସେ ବୁମ୍ରାଙ୍କ ବଲରେ ଜିପର ପକେଟ ଦ୍ୱାରା ଲ୍ୟାବ୍ ହୋଇଥିବା ଅମ୍ପାୟାର ରାଡି ଟେଇଲରଙ୍କୁ ଦେଖିଥିଲେ । କିନ୍ତୁ ରିଭ୍ୟୁ ତାଙ୍କୁ ବଂଚାଇ ଦେଇଥିଲା । ଏହା ପରଠାରୁ ସେ ଭାରତୀୟ ବୋଲରଙ୍କ ଜଲ୍ଦୀ ମୁକାବିଲା କରିଥିଲେ । ନିକୋଲସ ଦେଖି ଚାହିଁ ବ୍ୟାଟିଂ କରୁଥିବା ବେଳେ ପିଚ୍ ଭାରତୀୟ ବୋଲରଙ୍କ ଠାରୁ ରନ ଆଦାୟ କରିବାକୁ ଲାଗି ପଡ଼ିଥିଲେ । ଉଭୟ ଭାରତୀୟ ବୋଲର ଓ ପିଚ୍‌ରୁଙ୍କୁ ପଡ଼ିଆରେ ବେଶ ଘାଇଲା କରିଥିଲେ । ଉଭୟ ଭାରତୀୟ ବୋଲରଙ୍କୁ ଆର କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ଏଥିରି ସ୍ଥିତିରେ ଭାରତ ବାତବଣୀ ହୋଇ ଯାଇଛି । ପ୍ରସିଦ୍ଧ କ୍ରିଷ୍ଣା ସତ୍ତାରୁ ନିରାଶ କରିଛନ୍ତି । ସେ ନିଜ ସ୍ପେଲର ପ୍ରଥମ ୮ ଓଭରରେ ୩୫ ରନ ଖର୍ଚ୍ଚ କରିଥିଲେ । ଜୟୋନ ଭଲ ପ୍ରଦର୍ଶନ କରିଛନ୍ତି । ହେଲେ ସେ ସେଟ୍ ହୋଇସାରିଥିବା ବ୍ୟାଟରଙ୍କ ଉପରେ କୌଣସି ପ୍ରଭାବ ଛାଡ଼ି ପାରି ନଥାନ୍ତି । ଆକାଶ ଦୀପ ମଧ୍ୟ ନିରାଶ ହୋଇଛନ୍ତି । କୁଟାକୁ ଛାଡ଼ି ଦେଲେ ଭାରତର ବାକି ୩ ଦ୍ରୁତ ବୋଲର କିଛି ବି ପ୍ରଭାବ ପକାଇ ପାରିନଥାନ୍ତି । ତା'ପର ଦିତରୀ ପୁଣା ନ୍ୟୁଜିଲ୍ୟାଣ୍ଡ ୧୪୦/୫ରେ ରହିଥିଲା । ନିକୋଲସ ୬୬ ଓ ଫିଲ୍ସ ୪୨ ରନ କରିଥିଲେ । ଏହାପରେ ଉତ୍ତୟ ଆଉ ୧୦୩ ରନ ଯୋଡ଼ି ନ୍ୟୁଜିଲ୍ୟାଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି । ନିକୋଲସ ଶତକ ହାସଲ କରିବା ପରେ ଭାରତକୁ ସୁଯୋଗ ଦେଇଥିଲେ । ସେ ୧୦୨ ରନ କରିଥିବା ବେଳେ ପ୍ରସିଦ୍ଧଙ୍କ ବଲରେ ଜାଏସ୍ୱାଲ୍ ସ୍ଲୋଏଗ ଗେରି ଅଂଚଳରେ ଶଟ ଖେଳିଥିଲେ । ବଲ ଉପରକୁ ଉଠିଥିବା ବେଳେ ଉତ୍ତୟ ପନ୍ତ ଓ ଦେବଦତ ପାଡିକ୍କଲ ଏହାକୁ ଧରିବାକୁ ଦୌଡ଼ିଥିଲେ । ଉତ୍ତୟଙ୍କ ମଧ୍ୟରେ ଡାଳମେଳର ଅଭାବ ଦେଖାଯାଇଥିଲା । ଶେଷରେ ପାଡିକ୍କଲ ଏହାକୁ ଧରିବାକୁ ଯାଇ ଖସାଇ ଦେଇଥିଲେ । ଭାରତ ଘୋଟିଏ ସବୁର୍ଣ୍ଣ ସୁଯୋଗ ହାତ ଛଡ଼ା କରିଥିଲା । ଏହାପରେ ସେ କିୱା ଫିଲିପ୍ସ ଭାରତକୁ ଆଉ କୌଣସି ସୁଯୋଗ ଦେଇନଥିଲେ । ଉତ୍ତୟ ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରି ଭାରତୀୟ ବ୍ୟାଟରେ ନିରାଶା ଖେଳାଇ ଦେଇଛନ୍ତି । ଭାରତ ଆଜି ୪ ଜଣ ଦ୍ରୁତ ବୋଲର ଓ ଗୁଣ୍ଟିନ ସୁନ୍ଦରଙ୍କ ରୂପରେ ଏକମାତ୍ର ସ୍ପିନରଙ୍କୁ ନେଇ ମୈଦାନକୁ ଓହ୍ଲାଇଛି ।

ଟୋକିଓ ଅଲିମ୍ପିକ୍ସ ବିଜୟିନୀଙ୍କୁ ହରାଇଲେ ରକ୍ଷିତା



ହଂକଂ, ୧୯/୧୧(ନ୍ୟୁ.ଏ): ଭାରତର ରକ୍ଷିତା ରାମରାଜ ଏଠାରେ ଚାଲିଥିବା ହଂକଂ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଂଟନ ପ୍ରତିଯୋଗିତାରେ ଗୁରୁତ୍ୱର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ମହିଳା ଏକଲ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ୧୯ ବର୍ଷୀୟ ଭାରତୀୟ ସୁପରୀ ସିନ୍ଧାକଜଙ୍କ ୨୧-୧୮, ୨୪-୨୨ ଗେମ୍‌ରେ ଟୋକିଓ ଅଲିମ୍ପିକ୍ସ ବିଜୟିନୀ ଚୀନ୍ ଖେଳାଳି ୟୁ ଫେଇଙ୍କୁ ପରାସ୍ତ କରିଛନ୍ତି । ବିଶ୍ୱର ୪ ନମ୍ବର ଫେଇଙ୍କୁ ହରାଇ ରକ୍ଷିତା ନିଜ ଖେଳ ଜୀବନରେ ବଡ଼ ବିଜୟ ପାଇଛନ୍ତି । ସେ ପରବର୍ତ୍ତୀ ରାଉଣ୍ଡରେ ସେ ଜଲାଖର ପର୍ଯ୍ୟପ୍ତି ଚେତୁଥ୍ୱାଙ୍କୁ ଭେଟିବେ । ପୂରୁଷ ଏକଲ ଡାଉନା ରକ୍ଷୀ ସେନ୍ ଏବଂ ସୁତଜ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ବିଶାଖ ସେଟ୍ଟୀ ନିଜ ନିଜ ମ୍ୟାଚ୍ ଜିତି ଆଉକୁ ବଢ଼ିଛନ୍ତି । ନିଜଟରେ ସାଇଲୋ ଓପନ୍ ଓ କୁମୋମୋଟୋ ମାଷ୍ଟର୍ସ ଜାପାନ୍‌ରେ ପ୍ରଫି ଜିତିଥିବା ୨୫ ବର୍ଷୀୟ ରକ୍ଷୀ ୨୧-୧୧, ୨୧-୧୮ରେ ଡେନ୍‌ମାର୍କର ରାସମୁସ ଗେମକେଙ୍କୁ ହରାଇଥିଲେ । କ୍ୱାର୍ଟରଫାଇନାଲ୍‌ରେ ସେ ୨୦୨୧ ବିଶ୍ୱ ବିଜେତା ଲୋ କିନ୍ ୟିଙ୍କୁ ଭେଟିବେ । ଯୁଗଜରେ ପଂଚମ ମାନ୍ୟତାପ୍ରାପ୍ତ ସାତ୍ୱିକ-ଚିରାଗ ୨୧-୧୯, ୨୧-୧୬ରେ ମାଲେସିଆର ଚୁଆ ମଉଜଙ୍ଗ ଅଜିନ୍ ଆୟୁବ ଓ ତାନ୍ ୱି କିଓଙ୍କୁ ପରାସ୍ତ କରିଥିଲେ । ପରବର୍ତ୍ତୀ ରାଉଣ୍ଡରେ ଏହି ଭାରତୀୟ ଯୋଡ଼ି ଚାଂଗ ହୁ ଜେ ୟୁଆନ୍ ଓ ଲିନ୍ ଜିଆଙ୍କ ୟିଙ୍କୁ ଭେଟିବେ । ମହିନା ଏକଲରେ ଅସ୍ତିତା ଚାଲିହା ଏବଂ ୟୁଜରେ ବିଶ୍ୱ ନଂ୨୩ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଅଭିଯାନ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶେଷ ହୋଇଛି ।

ଆଖି ବୁଜିଲେ ଷ୍ଟାଲିନଙ୍କୁ ହରାଇଥିବା ଟିଭିକେର ଭିଏସ୍ ବାବୁ



ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ଆଉ ନାହାନ୍ତି ତାମିଲନାଡୁର ଶ୍ରମତାସୀନ ଡିଜିକେର ବିଧାୟକ ଭିଏସ୍ ବାବୁ । ଆଜି ଅପରାହ୍ନରେ କୋଲାଥୁର ବିଧାୟକ ବାବୁଙ୍କ ଦେହାନ୍ତ ହୋଇଛି । ତାମିଲନାଡୁ ବିଧାନସଭା ନିର୍ବାଚନରେ ଭିଏସ୍‌ବାବୁ ଅଭିନେତାରୁ ନେତା ବନିଥିବା ବିଜୟଙ୍କ ଟିକିକେରୁ ଲଢ଼ିଥିଲେ । ଆଉ ଅମ୍ପଙ୍କୁ ଚଳିତ କରି ତାମିଲନାଡୁର ତଳାଳୀନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସଭାପତି ଏମକେ ଷ୍ଟାଲିନଙ୍କୁ ହରାଇ ଦେଇଥିଲେ । ହେଲେ ଆଜି ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ଅସୁସ୍ଥତା କାରଣରୁ ସେ ଦୀର୍ଘ ୭୨ ଦିନ ଧରି ହଣ୍ଡିଗାଲରେ ଚିକିତିତ ହେଉଥିଲେ । ତାମିଲନାଡୁ ବିଧାନସଭାକୁ ଦୁଇ ଥର ନିର୍ବାଚିତ ହୋଇଥିବା ବାବୁ ଏକଦା ଡିଏମକେରେ ରହିଥିଲେ । ୨୦୦୬ରେ ସେ ଡିଏମକେ ଟିକେଟରୁ ବିଧାନସଭାକୁ ଯାଇଥିଲେ । ଡିଏମକେରୁ ଉତ୍ତର ଚେନ୍ନାଇ ଜିଲ୍ଲା ସମ୍ପାଦକ ଭାବେ ଦୀର୍ଘ ବର୍ଷ ଧରି କାମ କରିବା ପରେ ୨୦୧୬ରେ ତାଙ୍କୁ ଏହି ପଦରୁ ବିଦା କରି ଦିଆଯାଇଥିଲା । ଡିଏମକେରୁ ବିଦା ହେବା ପରେ ସେ ଏଆଇଏଡିଏମକେରେ ସାମିଲ ହୋଇଥିଲେ । କିନ୍ତୁ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ସେ ତାଙ୍କ ପରିବାର ମିଳିତ ଭାବେ ବିଜୟଙ୍କ ଟିକିକେରେ ସାମିଲ ହୋଇଥିଲେ । ଟିକିକେରେ ସାମିଲ ହେବା ପରେ ତଳ ତାଙ୍କୁ ଏମକେ ଷ୍ଟାଲିନଙ୍କ ଗଡ଼ କୋଲାଥୁରରୁ ପ୍ରାର୍ଥୀ କରିଥିଲା । ୨୦୧୧ରୁ ଷ୍ଟାଲିନ ଏଠାରେ ଜିତି ଆସୁଥିଲେ । ହେଲେ ସମସ୍ତଙ୍କୁ ଜଳଜଳା କରି ଷ୍ଟାଲିନଙ୍କୁ ହରାଇ ଦେଇଥିଲେ ବାବୁ । ଦୀର୍ଘ ୨ ଦଶନ୍ଧି ପରେ ବିଧାନସଭାକୁ ତାଙ୍କର ଜମତ୍ୟାଳ ମଧ୍ୟ ହୋଇଥିଲା । ହେଲେ ଏହି ଖୁସି ବେଶଦ ଅଳ୍ପ ଦିନରେ ଖରାଯାଇ ଯାଇଛି । ସେପ୍ଟେମ୍ବର ୯ରେ ଶ୍ୱାସକ୍ରିୟା ସମସ୍ୟା ଯୋଗୁ ବାବୁ ଚେନ୍ନାଇ ସ୍ଥିତ ଏମଜିଏମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେତେବେଳୁ ତାଙ୍କର ବିଭିନ୍ନ ହସ୍ପିଟାଲର ଆଇସିୟୁରେ ରହିଥିଲା । ସମସ୍ତ ପ୍ରକାରର ବିଭିନ୍ନ ସୁବିଧା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଡିଗ୍ରିଡ଼ିକାରେ ଲାଗିଥିଲା । ଶେଷରେ ନଭେମ୍ବର ୧୯ ତାରିଖ ଦିନ ୨.୨୪ରେ ସେ ହୃଦପଘାତ ଯୋଗୁ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ଦୀର୍ଘ ଦିନ ଧରି ଭିଏସ୍ ବାବୁ ହଣ୍ଡିଗାଲରେ ରହିଥିବାରୁ କୋଲାଥୁରର ଲୋକମାନେ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ । କିଛି ଦିନ ତଳେ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ସାମଲ କରିବା ପାଇଁ କୋଲାଥୁରର ଜଣେ ବାସିନ୍ଦା ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ମାଗିବା ସହ ତାଙ୍କ ଅନୁପସ୍ଥିତିରେ ସରକାର କୋଲାଥୁର ପାଇଁ ବିକଳ୍ପ ବ୍ୟବସ୍ଥା ଆପଣାଇବାକୁ କହିଥିଲେ । ନଭେମ୍ବର ୫ ଓ ନଭେମ୍ବର ୧୨ରେ ସେ ପ୍ରଥମେ ସରକାରଙ୍କୁ ତଥ୍ୟ ମାଗିଥିଲେ ଯେଁ ଏହାର ଜବାବ ମିଳି ନଥିବା ଆବେଦନକାରୀ କହିଥିଲେ ।

ଭାରତୀୟ ଗଣତନ୍ତ୍ରକୁ 'ପବିତ୍ର' କହିଲେ ରାହୁଲ



ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ଭାରତୀୟ ଗଣତନ୍ତ୍ରକୁ 'ଅସୁସ୍ଥ' (ସିକ୍) ବୋଲି ରାହୁଲ ଗାନ୍ଧୀ କହିଥିବା ଅଭିଯୋଗ ଉପରି ବିଜେପି ତାଙ୍କୁ ଘେରିଥିବାବେଳେ ତାଙ୍କ ରାଷ୍ଟ୍ରପତ ଲିଡିରେ କିନ୍ତୁ ସେ 'ପବିତ୍ର' (ସେକ୍ରେଡ୍) ବୋଲି କହିଥିବା ସ୍ପଷ୍ଟ ହୋଇଛି । ଆମେରିକାର ସିକାଗୋ ବିଶ୍ୱବିଦ୍ୟାଳୟରେ ଦୁଧାରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ବେଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଏହି ମନ୍ତବ୍ୟ ଦେଇଥିଲେ । ଆଲୋଚନା ସମୟରେ ଜଣେ ଛାତ୍ର ରାହୁଲଙ୍କୁ ପଚାରିଥିଲେ, ନିର୍ବାଚନରେ ଅନିୟମିତତା ହେଉଥିବା ବିରୋଧୀ ଦଳ ଅଭିଯୋଗ କରୁଥିବାବେଳେ ନିର୍ବାଚନ କମିଶନ କାହିଁକି ? ଏହାର ଉତରରେ ରାହୁଲ କହିଥିଲେ, "ଭାରତୀୟ ଗଣତନ୍ତ୍ର ମୋ ପାଇଁ ପବିତ୍ର । ଏଥିରେ ସମସ୍ୟା ରହିଛି ବୋଲି କହିବା ପାଇଁ ମୋତେ ୧୦୦, ୨୦୦ ଜିଲ୍ଲା ୩୦୦ ପ୍ରତିଶତ ପ୍ରମାଣ ଆବଶ୍ୟକ ।" ବିନା ପ୍ରମାଣରେ ଗଣତନ୍ତ୍ରକୁ ନେଇ ଏପରି ମନ୍ତବ୍ୟ ଦେବାକୁ ସେ ଚାହାନ୍ତି ନାହିଁ ବୋଲି କହିଥିଲେ । ବିରୋଧୀ ଦଳ ନିର୍ବାଚନ ଲଢ଼ିବା ବେଳ କରିବେରେ ଗଣତନ୍ତ୍ରର ନିର୍ବାଚନୀ ବ୍ୟବସ୍ଥାର ଦୌଧରା ଶେଷ ହୋଇଯିବ । ଏହାଦ୍ୱାରା ବିରୋଧୀ ଦଳର କର୍ମୀମାନେ ମଧ୍ୟ ନିରାଶ ହେବେ । ତେଣୁ ନିର୍ବାଚନ କର୍ଜନ ନ କରି ବ୍ୟବସ୍ଥାରେ ଥିବା ଅନିୟମିତତାକୁ ଲୋକଙ୍କ ସାମ୍ନାକୁ ଆଣିବା ହେଉଛି ବିରୋଧୀଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । ନିର୍ବାଚନ ଆୟୋଗ ମଧ୍ୟରୁ କିଛି ତଥ୍ୟ ମିଳୁଥିବା ଏବଂ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବାରୁ ବେଶୀ ସମୟ ନାହିଁ ବୋଲି ମଧ୍ୟ ସେ ଦାବି କରିଥିଲେ । ତେବେ ବିଜେପି ମୁଖପାତ୍ର ପ୍ରତୀପ ଭଟ୍ଟାଗାରୀ ରାହୁଲଙ୍କ ରାଷ୍ଟ୍ରଶର ଏକ ଭିଡିଓ ଏକରେ ସେୟାର କରି ସେ ଭାରତୀୟ ଗଣତନ୍ତ୍ରକୁ 'ଅସୁସ୍ଥ' ବୋଲି କହିଥିବା ଅଭିଯୋଗ କରିଥିଲେ । ରାହୁଲଙ୍କୁ ସେ 'ଭାରତ ବିରୋଧୀ ପ୍ରତାରଣ ନେତା' ବୋଲି ଆକ୍ଷେପ କରିଥିଲେ । ଏହାପରେ ବିଜେପି ମୁଖପାତ୍ର ଅଜୟ ଆଲୋକ ମଧ୍ୟ ରାହୁଲଙ୍କୁ ଅଙ୍ଗଘାତ ମନ୍ତବ୍ୟ ଦେଇଥିବା ନେଇ ସମାଲୋଚନା କରିଥିଲେ ।

ବିଜେପି ଛାଡ଼ିଲେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଝିଅ



ଭୁବନେଶ୍ୱର, ୧୯/୧୧(ନ୍ୟୁ.ଏ): ଜେଡଜଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ କଂଗ୍ରେସ ନେତା କେ. କରୁଣାକରଣଙ୍କ ଝିଅ ପଦ୍ମଜା ରେନୁଗୋପାଳ ବିଜେପି ଛାଡ଼ିଛନ୍ତି । ସେ ବିଜେପି ରାଜ୍ୟ ସଭାପତି ରାଜୀବ ବହୁଶେଖରଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ତାଙ୍କ ଇସ୍ତଫା ପରେ ରାଜନୈତିକ ମହଲରେ ଜଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ, ସେ କଂଗ୍ରେସକୁ ଫେରିପାରନ୍ତି । ତଥାପି ତାଙ୍କ ସରବାହୁତା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ । ପଦ୍ମଜା ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ସେ କେରଳକୁ ବିଜେପି ରାଜନୀତିରେ ଅନ୍ୟିୟ ଭୂମିକା ଗ୍ରହଣ କରି ତିରୁର ନିର୍ବାଚନମଣ୍ଡଳୀରୁ ବଳୟ ଟିକେଟରେ ଗତ ବିଧାନସଭା ନିର୍ବାଚନ ଲଢ଼ିଥିଲେ, କିନ୍ତୁ ଜିତିପାରି ନଥିଲେ । ତାଙ୍କ ପରିବାରର ରାଜନୈତିକ ଐତିହ୍ୟ ଏବଂ ବିଜେପିର ବର୍ଦ୍ଧିତ ସମର୍ଥନ ଆଧାର ସତ୍ତେ, ସେ ଲଗାତାର ତୃତୀୟ ଥର ପାଇଁ ପରାଜୟର ସହୁଖୀନ ହୋଇଥିଲେ । ପଦ୍ମଜା ରେନୁଗୋପାଳ ପୂର୍ବତ୍ତ ତିରୁର ବିଧାନସଭା ଆସନରୁ ଦୁଇଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ୨୦୧୬ରେ ସେ କଂଗ୍ରେସ ପ୍ରାର୍ଥୀ ଭାବରେ ପରାସ୍ତ ହୋଇଥିଲେ । ୨୦୨୧ ବିଧାନସଭା ନିର୍ବାଚନରେ ମଧ୍ୟ ସେ ପରାସ୍ତ ହୋଇଥିଲେ । ସିପିଆଇ(ଏମ୍) ପ୍ରାର୍ଥୀ ଉତ୍ତୟ ନିର୍ବାଚନରେ ବିଜୟୀ ହୋଇଥିଲେ ।

ଜାତିସଂଘରେ ପାକିସ୍ତାନକୁ ଘେରିଲା ଭାରତ

ନୂଆଦିଲ୍ଲୀ, ୧୯/୧୧ (ନ୍ୟୁ.ଏ): ଜାତିସଂଘରେ ପୁଣିଥରେ ପାକିସ୍ତାନକୁ ଘେରିଛି ଭାରତ । ପାକିସ୍ତାନ ସେନା ଉପରେ ଡାହୁ ଆକ୍ରମଣ କରି ଭାରତ କହିଛି ଯେ, ସେନା ଦେଶର ପ୍ରକୃତିର ସମ୍ପଦକୁ ସାଧାରଣ ଲୋକଙ୍କ ହିତରେ ବ୍ୟବହାର କରିବା ନିଜସ୍ୱ ସ୍ୱାର୍ଥ ପାଇଁ ଦମ୍ଭପ୍ତ କରୁଛି । ପ୍ରକୃତିକ ସମ୍ପଦ ଉପରେ ଜାତିସଂଘ ଅଧିବେଶନରେ ଉତ୍ତ୍ୟ?ବେଥାନ ଦେବା ସମୟରେ ଭାରତର ରାଷ୍ଟ୍ରପତ ପର୍ବତାନେନି ହରୀଶ ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନିରଙ୍କୁ ଟାର୍ଗେଟ୍ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନଜରେ ସେ କହିଛନ୍ତି, ଗତ ସେପ୍ଟେମ୍ବରରେ ପାକିସ୍ତାନର ସେନାମୁଖ୍ୟ ଖଣିଜ ପଥର ଭରି ଏକ କାଠବାକ୍ସ ବିଦେଶୀ ଦେଉଥାମାନଙ୍କୁ ଦେଖାଇଥିଲେ । ଏହା ପାକିସ୍ତାନର ପ୍ରାକୃତିକ ସମ୍ପଦ ଶୋଷଣରେ ସେନାର ପ୍ରତ୍ୟକ୍ଷ ଭୂମିକାକୁ ଦର୍ଶାଉଛି । ଉଲ୍ଲେଖଯୋଗ୍ୟ, ଗତବର୍ଷ ହ୍ୱାଇଟ୍ ହାଉସ୍?ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଓ ପାକ୍ ସେନାମୁଖ୍ୟ ଅସୀମ ମୁନିରଙ୍କ ସାକ୍ଷାତ ହୋଇଥିଲା । ଏହି ସମୟରେ ମୁନିର କିଛି ବିରଳ ଖଣିଜ ପଦାର୍ଥ ଥିବା ଏକ କାଠବାକ